

Odia Daily

www.theutkalsamachar.com

ଉତ୍କଳ ସମାଚାର

ସର୍ବସାଧାରଣଙ୍କ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



Vol - 22 Issue No:188 4 November 2026 (Wednesday) Rourkela Rs.2.00 Page -1 ୨୨ ବର୍ଷ ସଂଖ୍ୟା:୧୮୮ ୪ ନଭେମ୍ବର ୨୦୨୬ (ବୁଧବାର) ରାଉରକେଲା ମୂଲ୍ୟ:୫.୨.୦୦ ପୃଷ୍ଠା-୬

ସାମରିକ କ୍ଷେତ୍ରରେ ଆତ୍ମନିର୍ଭରତା ଭାରତ ପାଇଁ ଜରୁରୀ: ନୌସେନା ମୁଖ୍ୟ



ନୂଆଦିଲ୍ଲୀ,୩/ ୧୧: ବର୍ତ୍ତମାନର ଅସ୍ଥିର ବୈଶ୍ୱିକ ଭୂ-ରାଜନୈତିକ ପରିସ୍ଥିତିରେ ଆତ୍ମନିର୍ଭରତା ଜାତୀୟ ସୁରକ୍ଷା ପାଇଁ ଅତ୍ୟନ୍ତ ଜରୁରୀ। ଆଡମିରାଲ ସ୍ୱାମୀନାଥନ ସ୍ପଷ୍ଟ କରିଛନ୍ତି ଯେ, ଆତ୍ମନିର୍ଭରତାର ଅର୍ଥ ବିଶ୍ୱରୁ ଅଲଗା ହୋଇ ରହିବା ନୁହେଁ। ଏହା ଭାରତକୁ ବନ୍ଧୁରାଷ୍ଟ୍ରଗୁଡ଼ିକ ସହ ବୁଝାମଣା ନୁହେଁ, ବରଂ ଶକ୍ତିଶାଳୀ ସ୍ଥିତିରେ ଥାଇ ସହଯୋଗ କରିବାକୁ ସମର୍ଥ କରିଥାଏ। ରୁଷ-ୟୁକ୍ରେନ୍ ଯୁଦ୍ଧ ଏବଂ ମଧ୍ୟପ୍ରାଚ୍ୟ ସଂଘର୍ଷର ଉଦାହରଣ ଦେଇ ସେ ବର୍ତ୍ତାଇଥିଲେ ଯେ, ଯୁଦ୍ଧ ସମୟରେ ବୈଶ୍ୱିକ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହୁଏ। ତେଣୁ ଏକବିଂଶ ଶତାବ୍ଦୀର ନୌସେନା ପାଇଁ ସ୍ୱଦେଶୀ ଜ୍ଞାନକୌଶଳ ଓ ସାମରିକ ସାମର୍ଥ୍ୟ ହିଁ ଅପରେସନାଲ୍ ପ୍ରସ୍ତୁତିକୁ ସୁନିଶ୍ଚିତ କରିପାରିବ। ଏହାବ୍ୟତୀତ ନୌସେନା ମୁଖ୍ୟ ବୈଶ୍ୱିକ ସୁରକ୍ଷା ପ୍ରତି ଅଙ୍ଗଠିତ ଗୋଷ୍ଠୀ ଜିୟା ଦେସରକାରୀ ସଂସ୍ଥାଙ୍କ ବୃଦ୍ଧିପାଇଥିବା ପ୍ରଭାବ ନେଇ ଚିନ୍ତା ପ୍ରକାଶ କରିଥିଲେ। ପ୍ରଯୁକ୍ତିବିଦ୍ୟାର ସହଜ ଉପଲବ୍ଧତା ଯୋଗୁଁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଏବେ ଭଲ ଲୋକ ଏବଂ ଖରାପ ଲୋକ ଉଭୟଙ୍କ ହାତରେ ପହଁଚିପାରୁଛି।

ଇରାନ୍ ଉପରେ ଆମେରିକାର ପ୍ରଚଣ୍ଡ ହମ୍‌ଲା



ନୂଆଦିଲ୍ଲୀ,୩/ ୧୧:ଭାଙ୍ଗିଲା ଶାନ୍ତିବୁଦ୍ଧି । ପୁଣି ଅଶାନ୍ତ ମଧ୍ୟପ୍ରାଚ୍ୟ । ଇରାନ୍ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି ଆମେରିକା । ମିଳିଲଇଷ୍ଟ ନିର୍ବାଚନ ଭିତରେ ପୁଣି ସିଜଫାୟାର ବୁଦ୍ଧି ତୁଟିଛି । ପୁଣି ଆମେରିକା ଏବଂ ଇରାନ୍ ମଧ୍ୟରେ ଭୟଙ୍କର ଯୁଦ୍ଧ ହୋଇଛି । ମିଳିଥିବା ସୂଚନା ଗୁଡାକ, ମଙ୍ଗଳବାର ସକାଳେ ଆମେରିକା ପୁଣି ଥରେ ଇରାନ ଉପରେ ବଡ଼ ଧରଣର ଆକ୍ରମଣ ଆରମ୍ଭ କରିଛି । ଖ୍ରାଲ୍ ଷ୍ଟିଲ୍ ବର୍ଣ୍ଣାଲ୍ ଆମେରିକାର ଅଧିକାରୀଙ୍କ ଉଦ୍ଧୃତି ଦେଇ କହିଛି ଯେ, ଇରାନର କେଶମ ଦ୍ୱୀପରେ ଆକ୍ରମଣ ହୋଇଛି । ବଡ଼ କଥା ହେଉଛି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ସୂଚାଇ ଥିଲେ ଯେ ଇରାନ ସହ ୮ଟି ବୁଲିମାମା ହୋଇପାରେ । ଏଭଳି ପରିସ୍ଥିତିରେ ଏହାକୁ ଟ୍ରମ୍ପଙ୍କ ବୁଟ୍ ଗେମ୍ କୁହାଯାଇପାରେ । କେଶମ ଦ୍ୱୀପ ଉପରେ ମିସାଇଲ୍ ବର୍ଷା କରିଛି ଆମେରିକା । ବୁଲି ହେବା ପୂର୍ବରୁ ଏଭଳି ଅନେକ ସଙ୍କେତ ସାମ୍ନାକୁ ଆସିଥିଲା,ଯେଉଁଥିପାଇଁ ଏହି ଆକ୍ରମଣ ନିଶ୍ଚିତ ବୋଲି ବିବେଚନା କରାଯାଉଛି । କେଶମ ଦ୍ୱୀପରେ ଆକ୍ରମଣ ହୋଇଥିବା ସୂଚନା ମିଳିଛି । କେଶମ ଦ୍ୱୀପ ଉପରେ ଆକ୍ରମଣ ପରେ ଟ୍ରମ୍ପ ଦାବି କରିଛନ୍ତି ଯେ ସେ ଯୁଦ୍ଧ ଜିତିଛନ୍ତି । ଖାଲି ସେତିକି ନୁହେଁ ଟ୍ରମ୍ପ ଏହା ବି କହିଛନ୍ତି ଯି, ଇରାନ ତାଙ୍କୁ ଯୁଦ୍ଧ ରୋକିବାକୁ ଅପିଲ୍ କରୁଛି । ବାର୍ତ୍ତା ବିନରେ ଲଢେଇ ପରେ ଦୁଇ ଦେଶ ମଧ୍ୟରେ ଶାନ୍ତିବୁଦ୍ଧି ହୋଇଥିଲା ମାତ୍ର ଏହେ ଏବେ ଭାଙ୍ଗିଯାଇଛି । ଇରାନର କେଶମ ଦ୍ୱୀପ ଉପରେ ଆମେରିକାର ଆକ୍ରମଣ ପୁଣି ମଧ୍ୟପ୍ରାଚ୍ୟକୁ ଅଶାନ୍ତ କରିଛି । ଗତ କିଛି ସପ୍ତାହ ଧରି ଆମେରିକା ଗୁପ୍ତରେ ଇରାନ ଉପରେ ଛୋଟ ଆକ୍ରମଣ କରିଆସୁଛି । ଏବେ ଆମେରିକା ଇରାନର କେଶମ ଦ୍ୱୀପ ଉପରେ ଏକ ବଡ଼ ଧରଣର ଆକ୍ରମଣ କରିଛି । ଆମେରିକାରେ ମଧ୍ୟପ୍ରାଚ୍ୟ ନିର୍ବାଚନ ସରିବା ପରେ ଇରାନ ବିରୋଧରେ ଆଉ ଏକ ବଡ଼ ଆକ୍ରମଣ ଆରମ୍ଭ କରିବାକୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଟ୍ରମ୍ପଙ୍କ ଉପରେ ଚାପ ପକାଇଥିଲେ । ବାସ୍ତବରେ ମଧ୍ୟପ୍ରାଚ୍ୟ ନିର୍ବାଚନ ମଧ୍ୟରେ ଟ୍ରମ୍ପ ସୂଚନା ଦେଇଥିଲେ ଯେ ସେ ଇରାନ୍ ଉପରେ ପୁନର୍ବାର ଆକ୍ରମଣ କରିବାର ବିଲ୍କୁ ଖୋଲା ରଖିଛନ୍ତି ।

କେଶମ ଦ୍ୱୀପ ଉପରେ ମିସାଇଲ୍ ବର୍ଷା

ଛତ୍ରପୁରରେ ବାତ୍ୟା ଅର୍ନ୍ତବ ପରବର୍ତ୍ତୀ ବନ୍ୟା ସ୍ଥିତି ଓ ସ୍ୱାସ୍ଥ୍ୟସେବାର ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ




ଛତ୍ରପୁର,୩/ ୧୧(ନି/ପ୍ର): ଅର୍ନ୍ତବ ବାତ୍ୟା ପରବର୍ତ୍ତୀ ବନ୍ୟା ପରିସ୍ଥିତି ଓ ସ୍ୱାସ୍ଥ୍ୟସେବାର ସ୍ଥିତି ଅନୁଧ୍ୟାନ ନିମନ୍ତେ ଗତକାଲି ଗଞ୍ଜାମଜିଲ୍ଲା ଗସ୍ତରେ ଆସିଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆଜି ଛତ୍ରପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳ ଓ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିବାର ସମୀକ୍ଷା କରିଛନ୍ତି। ଏହି ଗସ୍ତ ସମୟରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ରନାୟକ ତାଙ୍କ ସହ ଉପସ୍ଥିତ ଥିଲେ। ପ୍ରଥମେ ମନ୍ତ୍ରୀ ଛତ୍ରପୁର ପୌର ପରିଷଦ ଅନ୍ତର୍ଗତ ଜୋଲିଡ୍ କେୟାର ହସ୍ପିଟାଲ ପରିଦର୍ଶନ କରିଥିଲେ। ହସ୍ପିଟାଲର ଭିରିଭୂମି, ଉପଲବ୍ଧ ସୁବିଧା, ଆବଶ୍ୟକ ସ୍ୱାସ୍ଥ୍ୟସେବା ଓ ଏହାକୁ ପୁରଃ ଜାର୍ଯ୍ୟକ୍ଷମ କରିବାର ସମ୍ଭାବନା ନେଇ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଉକ୍ତସ୍ଥାନରେ ଏହିହସ୍ପିଟାଲକୁ ଲୋକଙ୍କ ହିତରେ ଜିପରି ଉପଯୋଗ କରାଯାଇପାରିବ, ସେନେଇ ମଧ୍ୟ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ପରେ ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ବଡ଼ମାଧପୁର ଗ୍ରାମ ପଂଚାୟତର ବରଙ୍ଗ ଗ୍ରାମରେ ପହଁଚି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ବାତ୍ୟା ଓ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଭାବିତ ଅଂଚଳ ବୁଲି ଦେଖିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ। ସେହିପରି ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ଖଣ୍ଡିଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ମନ୍ତ୍ରୀ ସେଠାକାର ସ୍ୱାସ୍ଥ୍ୟସେବାର ସ୍ଥିତି ସମୀକ୍ଷା କରିଥିଲେ। ହସ୍ପିଟାଲରେ ଚିକିତ୍ସାଧୀନ ନବଜାତ ଶିଶୁ ଓ ମାଆମାନଙ୍କୁ ସାକ୍ଷାତ କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିସହ ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବା, ଚିକିତ୍ସା ବ୍ୟବସ୍ଥା ଓ ହସ୍ପିଟାଲରେ ଉପଲବ୍ଧ ସୁବିଧା ସମ୍ପର୍କରେ ଉପସ୍ଥିତ ଚିକିତ୍ସକ ଓ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ମନ୍ତ୍ରୀ ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ଇମୁରିଧର୍ମଶରଣପୁର ପଂଚାୟତସ୍ଥିତ ଆନ୍ଧ୍ରଝାନ ଆରୋଗ୍ୟ ମନ୍ଦିର ପରିଦର୍ଶନ କରିଥିଲେ। ସେଠାରେ ଉପଲବ୍ଧ ସ୍ୱାସ୍ଥ୍ୟସେବାର ମାନ ଓ ସ୍ଥିତି ସମ୍ପର୍କରେ ସମୀକ୍ଷା କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ଜାଣିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତରେ ଅର୍ନ୍ତବ ବାତ୍ୟା ଓ ପରବର୍ତ୍ତୀ ବନ୍ୟାରେ ପ୍ରଭାବିତ ଅଂଚଳର ସ୍ଥିତି ଅନୁଧ୍ୟାନ ସହ ଛତ୍ରପୁର ନିର୍ବାଚନମଣ୍ଡଳୀରେ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

'ମୁରାସୁ' ଲ୍ୟାଣ୍ଡଫଲ୍ ପରେ ଦକ୍ଷିଣ ଆନ୍ଧ୍ର ଉପକୂଳରେ ପ୍ରବଳ ବର୍ଷା



ଭୁବନେଶ୍ୱର, ୩/ ୧୧(ନି/ପ୍ର): ଅତିକ୍ରମ ପରେ ଦକ୍ଷିଣ ଆନ୍ଧ୍ରପ୍ରଦେଶର ଉପକୂଳବର୍ତ୍ତୀ ଅଂଚଳରେ ବର୍ଷା ଜାରି ରହିଛି । ବାତ୍ୟାଟି ଉତର-ଉତର ପଶ୍ଚିମ ଦିଗରେ ଗତି କରି ବିଶାଖାପାଟଣା ଅକ୍ଷାଂଶ ଦେଇ ଆଗକୁ ବଢ଼ିବା ସହ ଏହାର ପ୍ରଭାବରେ ଓଡ଼ିଶାର ଦକ୍ଷିଣ ଓ ପଶ୍ଚିମ ଜିଲ୍ଲାଗୁଡ଼ିକରେ ବର୍ଷା ହେବାର ସମ୍ଭାବନା ରହିଛି । ବିଶେଷକରି କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ବର୍ଷାର ପ୍ରଭାବ ରହିବ । ଭୋରାପୁଟ ଓ ମାଲକାନଗିରି ଜିଲ୍ଲାର କେତେକ ସ୍ଥାନରେ ମଧ୍ୟମରୁ ପ୍ରବଳ ଏବଂ ଅଳ୍ପ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଖୁଲଭାରୁ ସହ ସଂଘର୍ଷ, ଥଣ୍ଡା ଓ ଶୁଷ୍କ ବାୟୁର ପ୍ରଭାବ ଏବଂ ପୂର୍ବଘାଟ ପର୍ବତମାଳା ଯୋଗୁଁ ବାତ୍ୟାଟି ଧୀରେ ଧୀରେ ଦୁର୍ବଳ ହେବ । ଏହା ପଶ୍ଚିମ ଦିଗକୁ ତେଲେଙ୍ଗାନା ଆଡ଼କୁ ଗତି କରିବାରୁ ଓଡ଼ିଶାରେ ଆଜିଓ ଆସନ୍ତାକାଲି ପୂର୍ବାହ୍ନ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ରହିବ । ଏହାପରେ ବର୍ଷାର ପ୍ରଭାବ ବିଶେଷ ରହିବ ନାହିଁ । ପାଣିପାଗ ମଡେଲ୍ ଅନୁଯାୟୀ, ଆଗାମୀ ୧୦ ଦିନମଧ୍ୟରେ ଓଡ଼ିଶା ଉପରେ ପ୍ରଭାବ ପକାଇବା ଭଳି କୌଣସି ନୂଆ ପାଣିପାଗ ସିଷ୍ଟମ୍ ସୃଷ୍ଟି ହେବାର ସମ୍ଭାବନା ନାହିଁ ।

ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩/ ୧୧(ନି/ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସନ୍ଧ୍ୟରେ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ସେଠାରେ ମୁଖ୍ୟମନ୍ତ୍ରୀ ଭାରତ ଅକ୍ଷୟ ଶକ୍ତି ସଙ୍ଗିଜନୀରେ ଯୋଗ ଦେବେ। ମୁଖ୍ୟମନ୍ତ୍ରୀଙ୍କ ସହ ଯପ ମୁଖ୍ୟମନ୍ତ୍ରୀ ଜନଜବର୍ଦ୍ଧନ ସିଂହଦେଓ ମଧ୍ୟ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ କେନ୍ଦ୍ରୀୟ ନେତୃବୃନ୍ଦଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସମ୍ଭାବନା ଅଛି। ଏଥିସହ ବାତ୍ୟା ଅର୍ନ୍ତବର୍ତ୍ତୀକାଳିନ କ୍ଷୟକ୍ଷତି ନେଇ ଆଲୋଚନା କରିବା ସହ କ୍ଷତିପୂରଣ ପାଇଁ କେନ୍ଦ୍ରୀୟ ସହାୟତା ଲୋଡ଼ିବା ସମ୍ଭାବନା ଅଛି।

ୟୁପିରେ ବିଜେପିର "ମିଶନ ୨୦୨୭"

ହାଟ୍ରିକ୍ ବିଜୟ ପାଇଁ ବିଜେପିର ଅଙ୍କକଷା; ମଙ୍ଗ ଧରିବେ ମୋଦି-ଶାହ !



ନୂଆଦିଲ୍ଲୀ,୩/୧୧: ଉତରପ୍ରଦେଶରେ ହାଟ୍ରିକ୍ ବିଜୟ ହାସଲ ପାଇଁ ବିଜେପି ନିଜ ରାଜନୈତିକ ଅଙ୍କକଷା ଆରମ୍ଭ କରି ଦେଇଛି । ସଦ୍ୟ ଅନୁଷ୍ଠିତ ବଜର ଜାର୍ଯ୍ୟକାରିଣୀ ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ 'ମିଶନ ୨୦୨୭'କୁ ସଫଳ କରିବା ପାଇଁ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଛନ୍ତି । ଏଣିକି ବିଜେପି ନିଜ ମେଗା ପ୍ଲାନକୁ ବାସ୍ତବ ରୂପ ଦେବାକୁ ଅଟା ଛିଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଶାହ ୟୁପି ମିଶନ ଲାଗି ମଙ୍ଗ ଧରିବେ ବୋଲି କୁହାଯାଇଛି । ସୂତ୍ର ଅନୁସାରେ, ମୋଦିଙ୍କଠାରୁ ଆରମ୍ଭ କରି ତୃଣତରୀୟ କାର୍ଯ୍ୟକର୍ତ୍ତାଙ୍କ ପର୍ଯ୍ୟନ୍ତ ଦାୟିତ୍ୱ ଧାର୍ଯ୍ୟ କରିଦେଇଛି ବିଜେପି ଶଣନୀତି । ଏଣିକି 'ମାଇକ୍ରୋମ୍ୟାନେଜମେଣ୍ଟ' ଅନୁସାରେ ଅଭିଯାନ ଚାଲିବ । ବଜାୟ କାର୍ଯ୍ୟକର୍ତ୍ତା ଘରକୁ ଘର ବୁଲି ଲୋକଙ୍କ ପାଖରେ ପହଁଚିବେ। ବୁଥ ସ୍ତର ପର୍ଯ୍ୟନ୍ତ ସଂଗଠନକୁ ସକ୍ରିୟ କରିବା ଏବଂ ପୃଥକ ପୃଥକ ଟିମ୍ ସହ ତାଳମେଳ ବଜାୟ ରଖିବା ଲାଗି ଯୋଜନା ପ୍ରସ୍ତୁତ ହୋଇଛି । ୟୁପିର ବୁଣାମୂଳ ରାଜନୀତିରେ ବିଜେପି କାର୍ଯ୍ୟକର୍ତ୍ତା ମୋର୍ଚ୍ଚା ସମ୍ଭାଳିବେ । ରାଜନୈତିକ ବାତାବରଣକୁ ଗରମାଗରମ କରିବେ ମୋଦି-ଶାହ । ଶାହ ରାଲି ସହିତ ଅଭିମାନ କରିଥିବା ନେତାଙ୍କୁ ମନାଇବା ଓ ବିଜୟର ସମୀକରଣ ସ୍ଥିର କରିବେ । ବାପାଳକି ପରେ ବିଜେପି ୨୦୨୭ ବିଧାନସଭା ନିର୍ବାଚନ ଅଭିଯାନକୁ ତାତ୍ତରର କରିବେ । ୟୁପି ନିର୍ବାଚନ ପ୍ରସ୍ତୁତିକୁ ନେଇ ବିଜେପି ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହଙ୍କୁ 'ଫୁଟସପୁଟ'ରେ ରଖି ରଣନୀତି ବନାଇଛି । ମୋଦି ସମସ୍ତ ୧୮ଟି ପ୍ରଶାସନିକ ଜୋନରେ ରାଲି କରିବା ନେଇ ଯୋଜନା ହୋଇଛି । ଅମିତ ଶାହ ନିର୍ବାଚନୀ ମୋର୍ଚ୍ଚା ସମ୍ଭାଳିବେ । ପ୍ରଥମ ପର୍ଯ୍ୟାୟରେ କ୍ଷେତ୍ରଡ଼ୁୱାରୀ ସଭା ଓ ବୁଥସ୍ତରୀୟ ସଙ୍ଗିଜନୀ ଜରିଆରେ କାର୍ଯ୍ୟକର୍ତ୍ତାଙ୍କ ସହ ବାର୍ତ୍ତାଳାପ କରିବେ । ୟୁପିକୁ ୬ଟି ସଂଗଠନାତ୍ମକ ଅଂଚଳରେ ବାଣ୍ଟିଛି ଦଳ । ଏଥିରେ ପଶ୍ଚିମ ୟୁପି, ବ୍ରଜ, ଅଝଧ, ଜାନପୁର, କାଶୀ ଏବଂ ଗୋରଖପୁର ଅଞ୍ଚଳର ଅନ୍ତର୍ଭୁକ୍ତ । ଏଠାରେ ଶାହ ରାଲି କରିବା ଏବଂ ବଜାୟ ନେତାଙ୍କ ସହ ବୈଠକ କରି ରାଜନୈତିକ ସମୀକରଣ ମଜବୁତ କରିବେ । ଏହାପରେ ରାଜ୍ୟର ସମସ୍ତ ୭୫ ଜିଲ୍ଲାରେ ସେ ରାଲି କରିବେ । ମୋଦି-ଶାହଙ୍କ ବ୍ୟତୀତ ବିଜେପିର ରାଷ୍ଟ୍ରୀୟ ଅଧକ୍ଷ ନୀତିନ ନବୀନ ଏବଂ ଅନ୍ୟ ବରିଷ୍ଠ ନେତାମାନେ ମଧ୍ୟ ୟୁପିର ରାଜନୈତିକ ରଣଭୂମିରେ ଅବତୀର୍ଣ୍ଣ ହେବେ । ଚଳିତମାସ ୨୦ ତାରିଖ ପରେ ବିଜେପି ରାଜନୈତିକ ବାତାବରଣକୁ ସରମାଗରମ କରିବେବ । ଏଥିଲାଗି ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଥମ ରାଲି ପଶ୍ଚିମ ୟୁପିରୁ ଆରମ୍ଭ ହେବ । ଏହାପରେ ପୃଥକ ପ୍ରଶାସନିକ ଜୋନରେ ସେ ବିଭାଶର ଭେଟି ବେବା ସହିତ ରାଲି କରି ରାଜନୈତିକ ବାତାବରଣକୁ ଗତି ପ୍ରଦାନ କରିବେ ।

ଶକ୍ତିଶାଳୀ କ୍ରୁଜ୍ ମିସାଇଲ୍ ପରୀକ୍ଷଣ କଲା ଉତର କୋରିଆ:

୫ ରୁ ୬ ହେକ୍ଟର ଅଚଂଳକୁ ପୋଡ଼ି ପାଉଁଶ କରିବାକୁ ସକ୍ଷମ



ପ୍ୟୋଙ୍ଗୟାଙ୍ଗ,୩/୧୧: ଉତର କୋରିଆ ରଣନୈତିକ କ୍ରୁଜ୍ କ୍ଷେପଣାସ୍ତ୍ର ପରୀକ୍ଷଣ କରି ପୁଣି ଥରେ ନିଜର ସାମରିକ ଶକ୍ତି ପ୍ରଦର୍ଶନ କରିଛି । ସରକାରୀ ଗଣମାଧ୍ୟମ କୋରିଆନ୍ କେନ୍ଦ୍ରୀୟ ସମାଚାର ଏଜେନ୍ସି (କେସିଏନଏ) ଏସମ୍ପର୍କରେ ରିପୋର୍ଟ କରାଯାଇଛି । ଗୋଟିଏ ଦିନ ପୂର୍ବରୁ ଉତର କୋରିଆ ମଧ୍ୟ କ୍ରୁଜର ବୋମା ଅସ୍ତ୍ର ପରୀକ୍ଷଣ କରିଥିଲା । କୋରିଆ ଉପଦ୍ୱୀପରେ ଦକ୍ଷିଣ କୋରିଆ ସହିତ ବଢୁଥିବା ଉତେଜନା ମଧ୍ୟରେ ପ୍ୟୋଙ୍ଗୟାଙ୍ଗର ଏହି ସାମରିକ ପରୀକ୍ଷଣକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି । ଉତର କୋରିଆର ସରକାରୀ ସମାଚାର ଏଜେନ୍ସି ଅନୁଯାୟୀ, ଏହି କ୍ରୁଜ୍ କ୍ଷେପଣାସ୍ତ୍ରର ମଧ୍ୟମ ଆକାରର ବିସ୍ଫୋରକ ସୁଦ୍ଧାସ୍ତ୍ର କ୍ରୁଷର ସୁଦ୍ଧାସ୍ତ୍ର ମାଡ଼ କରିବାର କ୍ଷମତା ରହିଛି । ଏହା ୫ ରୁ ୬ ହେକ୍ଟର ଅଚଂଳକୁ ସମ୍ପୂର୍ଣ୍ଣ ଭାବରେ ପୋଡ଼ି ପାଉଁଶ କରିପାରିବ । ଏକେନ୍ଦ୍ରି କହିଛି ଯେ ଏହି ପରୀକ୍ଷଣରେ ଶେଷ ପର୍ଯ୍ୟାୟରେ ଦିଗ ପରିବର୍ତ୍ତନ କରିବା ଏବଂ ଲକ୍ଷ୍ୟସ୍ଥଳ ଉପରେ ସଠିକ୍ ଭାବରେ ଆଘାତ କରିବା ପାଇଁ କ୍ଷେପଣାସ୍ତ୍ରର କ୍ଷମତାକୁ ବିଚାରିତ କରାଯାଇଛି । ଉତର କୋରିଆର ଅଧିକାରୀମାନେ ଏହି କ୍ଷେପଣାସ୍ତ୍ର ପରୀକ୍ଷଣକୁ ଜାତୀୟ ସୁରକ୍ଷା ଏବଂ ବାହ୍ୟ ବିପଦ ବିରୋଧରେ ପ୍ରତିରକ୍ଷା ପାଇଁ ଅତ୍ୟାବଶ୍ୟକ ବୋଲି କହିଛନ୍ତି । କ୍ଷେପଣାସ୍ତ୍ର ପ୍ରଶାସନର ମହାନିର୍ଦ୍ଦେଶକଙ୍କ ଅନୁଯାୟୀ, ଏପରି ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର ସମ୍ଭାବ୍ୟ ବାହ୍ୟ ବିପଦକୁ ଦେଶକୁ ରକ୍ଷା କରିବା ସହିତ ସାମରିକ କ୍ଷମତାକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ।

ୟୁପିର କୁଶୀନଗରରେ ଟ୍ରେଲର - ଭ୍ୟାନ୍ ଧକ୍କା : ୬ ମୃତ, ୨ ଗୁରୁତର

କୁଶୀନଗର,୩/୧୧: ରବିବାର ବିଳମ୍ବିତ ରାତିରେ ଉତରପ୍ରଦେଶର କୁଶୀନଗର ଜିଲ୍ଲାରେ ଏକ ବଡ଼ ସଡ଼କ ଦୁର୍ଘଟଣାରେ ଛଅ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ହାଟା ଛୋଟୱାଲି ଅଂଚଳର ହାଟା-ପିପ୍ରାଇଚ୍ ରାସ୍ତାରେ ଥରୁଆଡିହ ସ୍ଥିତ ଏକ ପେଟ୍ରୋଲ ପମ୍ପ ନିକଟରେ ଏହି ଦୁର୍ଘଟଣା ଘଟିଥିଲା, ଯେଉଁଠାରେ ଭ୍ୟାନ୍ ଏବଂ ଟ୍ରେଲର ମୁହାଁମୁହିଁ ଧକ୍କା ହୋଇଥିଲା । ଧକ୍କା ଏତେ ଭୟଙ୍କର ଥିଲା ଯେ, ଭ୍ୟାନର ଚକ ଉଡ଼ିଯାଇଥିଲା । ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ପାଂଚ ଜଣ ସଦସ୍ୟ ଅଛନ୍ତି।

ୟୁକ୍ରେନ୍‌ର ରିଲିଫ୍ ବଟଂନ କେନ୍ଦ୍ରରେ ରୁଷର ବୋମାମାଡ଼, ୨୬ ମୃତ ଓ ୨୭ ନିଖୋଜ



କିଭ,୩/୧୧: ୟୁକ୍ରେନ୍‌ର ଜାପୋରିଝିଆ ଅଂଚଳର ଏକ ଗାଁରେ ଥିବା ଏକ ସ୍କୁଲ ଉପରେ ରୁଷର ବୋମାମାଡ଼ରେ ୨୬ ଜଣ ଲୋକ ପ୍ରାଣ ହରାଇଛନ୍ତି । ଅନେକ ଲୋକ ଆହତ ହେବା ସହ ୨୭ ଜଣ ନିଖୋଜ ଅଛନ୍ତି । ମୃତକଙ୍କ ମଧ୍ୟରେ ଦୁଇଜଣ ଉଦ୍ଧାରକାରୀ ବଜର ସଦସ୍ୟ ଅଛନ୍ତି । ୟୁକ୍ରେନ୍‌ର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି କହିଛନ୍ତି ଯେ ସ୍କୁଲକୁ ରିଲିଫ୍ ବଟଂନ କେନ୍ଦ୍ର ଭାବରେ ବ୍ୟ



କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

କେନ୍ଦୁଝରରେ ଷୋଡ଼ଶତମ ଡାଇକୋଣ୍ଡୋ ବେଲ୍ଟ ପଦୋନ୍ନତି ପରୀକ୍ଷା ସଫଳତାର ସହ ଅନୁଷ୍ଠିତ



କେନ୍ଦୁଝର,୩/ ୧୧(ନି/ପ୍ର): କେନ୍ଦୁଝର ଜିଲ୍ଲାରେ ଡାଇକୋଣ୍ଡୋ କ୍ରୀଡ଼ାର ପ୍ରଚାର, ପ୍ରସାର ଓ ଯୁବ ପ୍ରତିଭାଙ୍କ ବିକାଶ ଉଦ୍ଦେଶ୍ୟରେ ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ଷୋଡ଼ଶତମ ରଙ୍ଗୀନ ବେଲ୍ଟ ଓ ବ୍ଲାକ୍ ବେଲ୍ଟ ପଦୋନ୍ନତି ପରୀକ୍ଷା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଡାଇକୋଣ୍ଡୋ ଆସୋସିଏସନ୍ ଅଫ୍ କେନ୍ଦୁଝର ଓ ଓଡ଼ିଶା ଡାଇକୋଣ୍ଡୋ ସଂଘ, ପୁରୀର ମିଳିତ ଆନୁକୂଲ୍ୟରେ ଏହି ପରୀକ୍ଷା ଆୟୋଜିତ ହୋଇଥିଲା। ଏହି ପରୀକ୍ଷାରେ ଏଲାଇଟ୍ ଡାଇକୋଣ୍ଡୋ ଏକାଡେମୀ ଓ ପ୍ୟାସନ୍ ଡାଇକୋଣ୍ଡୋ ଏକାଡେମୀର ପ୍ରାୟ ୬୦ ଜଣ ଛାତ୍ରଛାତ୍ରୀ ମୋଟ ୮୦ଟି କେନ୍ଦ୍ର ପଦୋନ୍ନତି ପାଇଁ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ପରୀକ୍ଷା ସମୟରେ ପ୍ରତିଯୋଗୀମାନେ ନିଜର ଶାରୀରିକ ଦକ୍ଷତା, ଆତ୍ମରକ୍ଷା କୌଶଳ, ଡାଇକୋଣ୍ଡୋର ବିଭିନ୍ନ ଟେକ୍ନିକ୍, ପୁମସ୍ରେ, ଶୃଙ୍ଖଳା ଓ ଆତ୍ମବିଶ୍ୱାସର ପରିଚୟ ଦେଇଥିଲେ। ଏହି ପଦୋନ୍ନତି ପରୀକ୍ଷା ଚତୁର୍ଥ ଡାନ୍ ବ୍ଲାକ୍ ବେଲ୍ଟଧାରୀ, ଆନ୍ତର୍ଜାତୀୟ ଡାଇକୋଣ୍ଡୋ ମାଷ୍ଟର ତଥା କୁକିୱନ୍ ପୁମ୍/ଡାନ୍ ପରୀକ୍ଷକ ମାଷ୍ଟର ମୌଳୀକୁ କୁମାର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମୂଲ୍ୟାୟନରେ ପରିଚାଳିତ ହୋଇଥିଲା। ସେ ଛାତ୍ରଛାତ୍ରୀଙ୍କ କୌଶଳ, ଶୃଙ୍ଖଳା, ଶାରୀରିକ ସାମର୍ଥ୍ୟ ଓ ଡାଇକୋଣ୍ଡୋ ସମ୍ପର୍କିତ ଜ୍ଞାନର ମୂଲ୍ୟାୟନ କରିବା ସହ ନିୟମିତ ଅଭ୍ୟାସ, ଏକାଗ୍ରତା ଓ ଆତ୍ମବିଶ୍ୱାସ ମାଧ୍ୟମରେ ଉତ୍କର୍ଷ ହାସଲ କରିବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନିରନ୍ତର ଉନ୍ନତ ପ୍ରଶିକ୍ଷଣ, ମାର୍ଗଦର୍ଶନ ଓ ପ୍ରେରଣା ପ୍ରଦାନ କରିଆସୁଥିବା ଡୋର୍ ମନୀଷ ପ୍ରସାଦ ଓ ଡୋର୍ ରୋହିତ ପ୍ରସାଦଙ୍କ ଅବଦାନକୁ ବିଶେଷ ପ୍ରଶଂସା କରାଯିବା ସହ ସେମାନଙ୍କୁ ଅଭିନନ୍ଦନ ଜଣାଯାଇଥିଲା। ଆୟୋଜକଙ୍କ ପକ୍ଷରୁ ବୁହାଯାଇଥିଲା ଯେ, ଡାଇକୋଣ୍ଡୋ କେବଳ ଏକ ଆତ୍ମରକ୍ଷା କଳା ନୁହେଁ, ବରଂ ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୃଙ୍ଖଳା, ଧୈର୍ଯ୍ୟ, ସହ୍ୟାନବୋଧ, ମାନସିକ ଦୃଢ଼ତା ଓ ନେତୃତ୍ୱ ଗୁଣର ବିକାଶ କରିଥାଏ। ଏଭଳି ପଦୋନ୍ନତି ପରୀକ୍ଷା ନବୀନ ପ୍ରତିଭାଙ୍କୁ ନିଜ ବକ୍ଷରେ ପ୍ରମାଣ କରିବା ସହ ଆଗାମୀ ଦିନରେ ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରିବା ପାଇଁ ପ୍ରେରଣା ଯୋଗାଇଥାଏ। ପରିଶେଷରେ ଏହି ପରୀକ୍ଷାର ସଫଳ ଆୟୋଜନରେ ସହଯୋଗ କରିଥିବା ସମସ୍ତ ପ୍ରଶିକ୍ଷକ, ଅଭିଭାବକ, ଛାତ୍ରଛାତ୍ରୀ ଓ ସହଯୋଗୀମାନଙ୍କୁ ଆୟୋଜକଙ୍କ ପକ୍ଷରୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରାଯିବା ସହ ଅଂଶଗ୍ରହଣକାରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା।

ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ :

ସ୍ତ୍ରୀ ଖାଇବାକୁ ନଦେବାରୁ ପିଟି ପିଟି ମାରିଦେଲା ସ୍ୱାମୀ



କେନ୍ଦୁଝର,୩/ ୧୧(ନି/ପ୍ର): ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ, ସ୍ତ୍ରୀ ଖାଇବାକୁ ନଦେବାରୁ ପିଟି ପିଟି ମାରିଦେଲା ସ୍ୱାମୀ । ମଙ୍ଗଳବାର ସନ୍ଧ୍ୟାରେ ଘଟିଥିଲା ହତ୍ୟାକାଣ୍ଡ । ହତ୍ୟା କରିସାରିବା ପରେ ଗାଁ ନିଜଘରୁ ଜଙ୍ଗଲରେ ମୃତଦେହକୁ ଫିଙ୍ଗି ଦେଇଥିଲା ସ୍ୱାମୀ, ଆଜି ମୃତଦେହକୁ ଉଦ୍ଧାର କରିଛି ନୟାଖୋଟ ପୋଲିସ । କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ନୟାଖୋଟ ଥାନା କୁଖକଳା ଜାଜିଆଡ଼ିହି ସାହିରେ ଏଭଳି ଅଭାବନୀୟ ଘଟନା ଉଇୟଙ୍କ ମଧ୍ୟରେ ହଠାତ ବଚସା ହୋଇଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ୱାମୀ ସ୍ତ୍ରୀଙ୍କୁ ପିଟି ପିଟି ମାରିଦେଇଥିଲେ । ତେବେ ହତ୍ୟା କରି ସାରିବା ପରେ ଗାଁରିଜଟସ୍ପୁଏକ ଜଙ୍ଗଲରେ ମୃତଦେହକୁ ପିଜିଦେଇଥିଲେ ।ତେବେ୪ ଦିନପରେ ଆଜି ତାଙ୍କ ପୁଅ ଘଟଣା ବିଷୟରେ ନୟାଖୋଟ ପୋଲିସକୁ ଜଣାଇବା ପରେ ପୋଲିସ ଆଜିଗାରିରେ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଉଦ୍ଧାର କରିତଦନ୍ତ ଜାରି ରଖିଛି । ଅଭିଯୁକ୍ତ ସ୍ୱାମୀ ଗଲୁ ମୁଣ୍ଡାକୁ ପୋଲିସ ଅଟକ ରଖି ପଚରାଉଚରା କରୁଛି ।

ବିପର୍ଯ୍ୟୟ ସମୟରେ ଲୋକଙ୍କ ସହ ଧୈର୍ଯ୍ୟ, ସହାନୁଭୂତି ଓ ମାନବିକତାର ସହ ବ୍ୟବହାର କରିବାକୁ ଜିଲ୍ଲାପାଳଙ୍କ ପରାମର୍ଶ

ଛତ୍ରପୁର,୩/୧୧(ନି/ପ୍ର): ସମ୍ଭାବ୍ୟ ବାତ୍ୟା ଓ ବନ୍ୟାର ମୁକାବିଲା ପାଇଁ ଜିଲ୍ଲାର ସମସ୍ତ ଅଂଚଳର ସ୍ଥିତି ଅନୁଧ୍ୟାନ କରି ସେ ଆବଶ୍ୟକ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ କହିଥିଲେ। କ୍ଷେତ୍ରସ୍ତରୀୟ ଅଧିକାରୀମାନେ ସଠିକ୍ ତଥ୍ୟ ଯାଞ୍ଚ କରି ପ୍ରଦାନ କରିବେ। ଭୁଲ୍ ତଥ୍ୟ ପ୍ରଦାନ କିମ୍ବା କାର୍ଯ୍ୟରେ ଅବହେଳା ହେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ସ୍ପଷ୍ଟ କରିଥିଲେ। ବିପଦସଙ୍କୁଳ ଓ କ୍ଷତିଗ୍ରସ୍ତ ରାସ୍ତାରେ ବ୍ୟାରିକେଡ୍ ଲଗାଇ ଯାତାୟାତ ବନ୍ଦ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିପର୍ଯ୍ୟୟ ସମୟରେ ଲୋକଙ୍କ ସହ ଧୈର୍ଯ୍ୟ, ସହାନୁଭୂତି ଓ ମାନବିକତାର ସହ ବ୍ୟବହାର କରିବା ସହ ସମସ୍ତ କାର୍ଯ୍ୟ ଆନ୍ତରିକତାର ସହ ସମ୍ପାଦନ କରିବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସତ୍ୟିନାନ୍ଦ ନାୟକ, ଦେବବ୍ରତ ପଣ୍ଡା, ସୁନୀଲ କେର୍କେଟା, ତୁହୁପୁର ମହାନଗର ନିଗମ କମିଶନର ଆଦବରମ୍ ଶବ୍ଦୀ ରେଡ୍ଡୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବିଭିନ୍ନ ଜିଲ୍ଲାସ୍ତ୍ର ଆସିଥିବା ବରିଷ୍ଠ ଅଧିକାରୀ, ଉପଜିଲ୍ଲାପାଳ, ବିଡିଓ, ତହସିଲଦାର ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ ।

ବଲାଙ୍ଗୀରରେ ହୃଦ୍ରୋରୋଗ ଚିକିତ୍ସା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ

ବଲାଙ୍ଗୀର,୩/୧୧(ନି/ପ୍ର): ସ୍ୱରାଜ ହସ୍ପିଟାଲ୍ ଆଣ୍ଡ ରିସର୍ଚ୍ଚ ସେଂଟର, ବଲାଙ୍ଗୀର ଜିଲ୍ଲାରେ ପ୍ରଥମ ଥର ପାଇଁ ସଫଳତାର ସହ 'ଜରୋନାରୀ ଆଞ୍ଜିଓଗ୍ରାଫି' ଏବଂ 'ଆଞ୍ଜିଓପ୍ଲାଷ୍ଟି' ପ୍ରମାଦନ କରି ପଶ୍ଚିମ ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛି। ବରିଷ୍ଠ କ୍ୟଂଟରଭେନ୍ସନାଲ୍ କାର୍ଡିଓଲୋଜିଷ୍ଟ(ହୃଦ୍ରୋଗ ବିଶେଷଜ୍ଞ) ଡାକ୍ତର ବିକ୍ରମାଦିତ୍ୟ ପାଢ଼ୀଙ୍କ ନେତୃତ୍ୱରେ ଏହି ଚିକିତ୍ସା ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ଏହା ଜିଲ୍ଲା ମଧ୍ୟରେ ଉନ୍ନତ ହୃଦ୍ରୋଗ ଚିକିତ୍ସା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ସୂଚିତ କରେ। ଏହି ସଫଳତା ଗୁରୁତର ହୃଦଘାତ ଜନିତ ଜରୁରୀକାଳୀନ ସମୟରେ ଯେତେବେଳେ ଗୁରୁତ୍ୱପୂର୍ଣ୍ଣ ସୁବର୍ଣ୍ଣ ସମୟ ସମୟରେ ସମୟୋଚିତ ହସ୍ତକ୍ଷେପ ଜୀବନ ରକ୍ଷାକାରୀ ପରିବର୍ତ୍ତନ ଆଣିପାରେ। ରୋଗୀମାନେ ଏବେଠାରେ ପାଖରେ ଜରୁରୀ ହୃଦଘାତିକ ହସ୍ତକ୍ଷେପ ପାଇପାରିବେ।

ବାପାର ଛୁରାମାଡ଼ରେ ପୁଅର ମୃତ୍ୟୁ

ଝୁମୁରା,୩/୧୧(ନି/ପ୍ର): କେନ୍ଦୁଝରଜିଲ୍ଲା ଝୁମୁରା ଥାନା ଗୁମୁରା ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି । ବାପାର ଛୁରାମାଡ଼ରେ ପୁଅର ମୃତ୍ୟୁବରଣ ହୋଇଛି । ଗୁମୁରା ଗ୍ରାମର ଦେବୁ ନାଏକ ଓ ତାଙ୍କ ସ୍ତ୍ରୀ ମଧ୍ୟରେ ପାରିବାରିକ କଥାକୁ ନେଇ ଝଗଡା ଲାଗିଥିଲା । ବାପା ମା'ଙ୍କ ଝଗଡା ବନ୍ଦ କରିବା ପାଇଁ ତାଙ୍କ ପୁଅ ପପୁ ନାଏକ ପହଂଚି ଝଗଡା ବନ୍ଦ କରିବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ପପୁର ବାପା ଉତ୍ତ୍ୟକ୍ତ ହୋଇ ଏକ ଛୁରା ସାହାର୍ଯ୍ୟରେ ପପୁକୁ ଆକ୍ରମଣ କରିବାକୁ ସେ ଗୁରୁତର ଆହତ ହୋଇଥିଲେ । ପପୁକୁ ଗୁରୁତର ଅବସ୍ଥାରେ ତା ମା ଓ ମାମୁଁ ଏକ ଅଟୋରେ ଚଂଚୁଆ ଉପଖଣ୍ଡ ଡାକୁର ଖାନାକୁ ଚିକିତ୍ସା ପାଇଁ ଆଣିଥିବା ବେଳେ ଏଠାରେ ଡାକୁର ଡାକୁମୃତ୍ୟୁର ଘୋଷଣା କରିଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି। ତେବେ ବାପା ଦେବୁ ନାଏକ ଫେରାର ହୋଇଥିବା ଜଣାପଡିଛି। ଅନ୍ୟ ପଟେ ଚଂଚୁଆ ଏସଡିପିଓ ରଶ୍ମି ରଞ୍ଜନ ସାହୁ ଡାକ୍ତର ଖାନା ନପହଂଚି ଥିବା ଜଣାପଡିଛି।

ଚରମ୍ପା ବରିଷ୍ଠ ନାଗରିକ ସଂଘର ରମା ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ସହ ଭାବ ବିନିମୟ ଓ ସ୍ୱାସ୍ଥ୍ୟ ପରୀକ୍ଷା

ଭଦ୍ରକ, ୩/୧୧(ନି/ପ୍ର): ବରିଷ୍ଠ ମାନେ ବାର୍ଦ୍ଧକ୍ୟରେ ଉପନୀତ ହୋଇ ସାରିଥିବେ ମଧ୍ୟ ସମାଜର ହିତ ସାଧନ ପାଇଁ ସଦା ଚେଷ୍ଟିତ। ପରିବାରରୁ ଅଲୋଡ଼ା ବୃଦ୍ଧ ବୟସ୍କ ପିଡାମାଡା ବୃଦ୍ଧାଶ୍ରମରେ ରହିଲେ ମଧ୍ୟ ଏକାକୀ ସମୟ ବିତାଇବାର ଚିନ୍ତା ଦୂର କରିବାର ଏହା ଏକ ଭ୍ରୁଷ୍ଟ ଯୁବ ସମାଜକୁ ସଚେତନତା ବାର୍ତ୍ତା। ଉକ୍ତ କାର୍ଯ୍ୟକ୍ରମକୁ ଆଉ ପାବେ ଆଗକୁ ନେଇଛନ୍ତି ଆମ ଅଂଚଳର ସୁନାମଧନ୍ୟା ଭେଷଜ ବିଶେଷଜ୍ଞ ସହକାରୀ ପ୍ରଫେସର ଡାକ୍ତର ଭାଗ୍ୟଶ୍ରୀ ପଣ୍ଡା, ଯୁଗଳକିଶୋର ଅସ୍ତ୍ରଓ୍ୱାଲ ପରିଚାଳିତ ରମା ସେବାସଦନ (ବୃଦ୍ଧାଶ୍ରମ)ତରଫରୁ ସମସ୍ତ ଅନ୍ତେବାସୀ ଓ ଶତାଧିକ ବରିଷ୍ଠ ନାଗରିକଙ୍କୁ ଶ୍ରଦ୍ଧାର ସହ ଚିକିତ୍ସା ଓ ଔଷଧ ଂଟନ କରିବା ସହ ବିଭିନ୍ନ ରୋଗର ନିଦାନ ଦେଖିବାକୁ ମିଳିଛି । ମୃତକ ଜଣକ ହେଉଛନ୍ତି ମଂଜତି ମୁଣ୍ଡା । ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ଗଲୁ ମୁଣ୍ଡାକୁ ଥାନାରେ ପୁଲିସ ଅଟକ ରଖିଛି । ଘଟଣାସ୍ଥଳରୁ ନୟାଖୋଟ ପୋଲିସ ତଦନ୍ତ ଜାରି ରଖିଛି । ସୂଚନା ଅନୁଯାୟୀ ବାଜିଆଡ଼ିହି ସାହିର ଗଲୁ ମୁଣ୍ଡା ମଙ୍ଗଳବାର ଦିନବେଳା ଜାମୁକୁଯାର ସନ୍ଧ୍ୟାରେ ଘରକୁ ଫେରିଥିଲେ । ନିଶାଖଣ୍ଡ ଅବସ୍ଥାରେ ଘରକୁ ଆସି ସ୍ତ୍ରୀକୁ ଖାଇବାକୁ ମାଗିଥିଲେ । ସ୍ତ୍ରୀ ମଂଜତି ମୁଣ୍ଡା ମଧ୍ୟ ନିଶାରେ ଥିଲେ । ତେବେ ଦେଖିବାକୁ ମିଳିଛି । ମୃତକ ଜଣକ ହେଉଛନ୍ତି ମଂଜତି ମୁଣ୍ଡା । ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ଗଲୁ ମୁଣ୍ଡାକୁ ଥାନାରେ ପୁଲିସ ଅଟକ ରଖିଛି । ସୂଚନା ଅନୁଯାୟୀ ବାଜିଆଡ଼ିହି ସାହିର ଗଲୁ ମୁଣ୍ଡା ମଙ୍ଗଳବାର ଦିନବେଳା ଜାମୁକୁଯାର ସନ୍ଧ୍ୟାରେ ଘରକୁ ଫେରିଥିଲେ । ନିଶାଖଣ୍ଡ ଅବସ୍ଥାରେ ଘରକୁ ଆସି ସ୍ତ୍ରୀକୁ ଖାଇବାକୁ ମାଗିଥିଲେ । ସ୍ତ୍ରୀ ମଂଜତି ମୁଣ୍ଡା ମଧ୍ୟ ନିଶାରେ ଥିଲେ । ତେବେ ଏହି ଅବସରରେ ଅନ୍ତେବାସୀଙ୍କ ପାଇଁ ଆୟୋଜିତ ସ୍ୱାସ୍ଥ୍ୟ ପରୀକ୍ଷାରେ ଡାକ୍ତର ଭାଗ୍ୟଶ୍ରୀ ପଣ୍ଡା, ଡାକ୍ତର ଦେବବ୍ରତ ପଣ୍ଡା, ଡାକ୍ତର ଅଭିଜିତ ଦାସ, ଡାକ୍ତର ଅଭିଷେକ ଦାସ, ଡାକ୍ତର ଅଭିଷେକ ଦାସ, ଡାକ୍ତର ଅଭିଷେକ

ବିବିଧା

ଆଜିର ରାଶିଫଳ

ମେଷ: ଆର୍ଥିକ ସମସ୍ୟା ଦେଖାଦେବ। ଚିନ୍ତାରେରହିବେ ଏବଂ ପେଟ ଜନିତ ସମସ୍ୟା ଦେଖାଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ ବୁଝାମଣା ହୋଇପାରେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

ବୃଷ: ପାରିବାରିକ ଜୀବନ ସୁଖମୟ ରହେ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

ମିଥୁନ: ବ୍ୟାପିରେକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

କର୍କଟ: ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ପୁଅ ଜାମ ଆମର କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

ସିଂହ: ବ୍ୟୟବଳାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ସିଦ୍ଧେଶ୍ୱାରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

କନ୍ୟା: ବୀରତିବିନରୁ ଚାଲଯିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପମାନ ମାଇନତ।

ତୁଳା: ବିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଚକ୍ଷୁ ସମସ୍ୟା ଦେଖା ଦେବ।

ବିଛା: ବିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଥଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ବାମ୍ପତ୍ୟ ଜୀବନ ସୁଖମୟ ରହେ।

ଧନୁ: ଘର ପାଇଁ ନୂଆ ଜିନିଷ କିଣିବେ। ପଢ଼ାଶୁଣାରେ ଉଚ୍ଚଶିକ୍ଷା ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

ମକର: ଚିନ୍ତାଧାରା କାର୍ଯ୍ୟକୁ ଦୂରଲ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଇଶ୍ୱରଙ୍କ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ଦୀର୍ଘ ଖୁସିରେ ସମୟ ଅତିବାହିତ କରିବେ।

କୁମ୍ଭ: ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଢ଼ାଶୁଣାଙ୍କ ସହ ମଜାରେ ରହେ। ବାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

ମୀନ: ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗାତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

ଆଜିର ଇତିହାସ

- ୧୮୬୨- କଲିଜତା ଉଚ୍ଚ ନ୍ୟାୟାଳୟର ଉଦ୍‌ଘାଟନ।
- ୧୮୭୯- ଭାରତରେ ଯୋଷ୍ଟ କାର୍ଡ ପ୍ରଚଳନ ହେଲା।
- ୧୯୨୧- ଚୀନ୍‌ରେ ଜଷ୍ଟିନିଷ୍ଟ ପାର୍ଟିର ସ୍ଥାପନା ହେଲା।
- ୧୯୯୩- ଭାରତର ପ୍ରଥମ ସାଇନ୍ସ ସିଟି କଲିକତାରେ ଖୋଲାଗଲା।
- ୨୦୧୩- କ୍ରୋଏସିଆ ୟୁରୋପୀୟ ୟୁନିୟନ୍‌ର ୨୮ ତମ ଦେଶ ହେଲା।
- ୨୦୧୭- ଭାରତରେ ପ୍ରଥମ ଥର ଜିଏସ୍‌ଟି ଲାଗୁ କରାଗଲା।

ଜାତୀୟ ଚିକିତ୍ସକ ଦିବସ

ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଜାତୀୟ ଚିକିତ୍ସକ ଦିବସ ରୂପେ ପାଳନ କରାଯାଏ। ଅବିଶ୍ରାନ୍ତ ଭାବେ ରୋଗୀ ସେବାରେ ଲାଗି ରହିଥିବା ଡାକ୍ତରମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ଭାରତରତ୍ନ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କ ସ୍ମୃତିରେ ୧୯୯୧ରୁ ଏହି ଦିବସ ପାଳିତ ହୋଇଆସୁଛି। ଏଥି ପ୍ରତିବ ଚିକିତ୍ସାବିତ୍ ତଥା ପଦ୍ମବିଭୂଷଣଙ୍କର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ବିଧାନ ଚନ୍ଦ୍ର ରାୟଙ୍କ ଜନ୍ମ ଓ ମୃତ୍ୟୁ ଦିବସ। ୧୮୮୨ ମସିହା ଜୁଲାଇ ୧ ତାରିଖରେ ବିଧାନ ଚନ୍ଦ୍ର ଜନ୍ମଗ୍ରହଣ କରିଥିଲେ ୧୯୬୨ ରେ ଏହି ଦିନରେ ଅଶୀ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। ସେ ତାଙ୍କ ଜୀବନକୁ ମାନବ ସେବାରେ ଉତ୍ସର୍ଗ କରିଥିଲେ। ତାଙ୍କ ମୃତ୍ୟୁର ବର୍ଷେ ପୂର୍ବରୁ ସେ 'ଭାରତ ରତ୍ନ' ସମ୍ମାନରେ ସମ୍ମାନିତ ହୋଇଥିଲେ। ଏହି ଦିବସ ପାଳନ ଅବସରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଥିବା ଆହ୍ୱାନ ଏବଂ ଡାକ୍ତରମାନଙ୍କ ସୁରକ୍ଷା ବିଷୟରେ ସମାଜକୁ ସଚେତନ କରାଯାଇଥାଏ। ମାନବ ସମାଜ ପାଇଁ ଡାକ୍ତରମାନେ ହେଉଛନ୍ତି ଆଶୀର୍ବାଦ ସ୍ୱରୂପ। ଏଥିପାଇଁ ସେମାନଙ୍କ ବିଭାସ ଉଗରାନର ଆଖୀ ଦିଆଯାଏ। ଡାକ୍ତରଙ୍କ ସାହାଯ୍ୟରେ ଜଣେ ରୋଗୀ ଏକ ନୂଆ ଜୀବନ ପାଇଥାଏ। ରୋଗାଟିଏ ଯେତେବେଳେ ନିଜ ରୋଗ ସହ ଲଢୁଥାଏ ସେତେବେଳେ ତାକୁ ଆରୋଗ୍ୟ କରିବାରେ ଡାକ୍ତରଙ୍କ ଗୁରୁ ଦାୟିତ୍ୱ ରହିଥାଏ। ତେବେ ଡାକ୍ତରମାନଙ୍କ ଏହି ମହାନ ଅବଦାନ, ଉତ୍ସର୍ଗୀକୃତ ସେବା ପାଇଁ ସେମାନଙ୍କୁ କୃତଜ୍ଞତା ଏବଂ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଜାତୀୟ ଚିକିତ୍ସକ ଦିବସ ପାଳନ କରାଯାଏ। ଜାତୀୟ ଚିକିତ୍ସକ ଦିବସ ଅବସରରେ ଡାକ୍ତରମାନଙ୍କ ନିଃସ୍ୱାର୍ଥପର ସମର୍ପଣ ଓ ଅତିବଡିର ପ୍ରତିବଦ୍ଧତାକୁ ମନେ ପକାଇଥାଏ ସାରା ଦେଶ। ପ୍ରତିବର୍ଷ ଏହି ବିଶେଷ ଦିନ ପାଳନ କରିବାକୁ ଡାକ୍ତରଙ୍କ ସମ୍ମାନାର୍ଥେ ଏକ ଥିମ୍ ରହିଥାଏ। ଚଳିତବର୍ଷର ଥିମ୍ ରହିଛି- "Behind the Mask: Who Heals the Healers?"

ଫୁଣି ଏକାଠି ଆସିବେ ଖିଲାଡ଼ି-ଅନାଡ଼ି

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ଏବଂ ପ୍ରିୟଦର୍ଶନ 'ଭୂତ ବଙ୍ଗଲା' ଫିଲ୍ମରେ ୨୪ ବର୍ଷ ପରେ ଏକାଠି କାମ କରିଥିଲେ। ଏହି ବର୍ଷ ଦୁହିଁଙ୍କର ଆଉ ଏକ ଫିଲ୍ମ ରିଲିଜ୍ ହେବାକୁ ଯାଉଛି। 'ହେରା ଫେରି' ଫିଲ୍ମରେ ପୁଣି ଥରେ ଅକ୍ଷୟ ଓ ପ୍ରିୟଦର୍ଶନ ଏକାଠି କାମ କରୁଛନ୍ତି। ଏଥିରେ ଅକ୍ଷୟଙ୍କ ସହ ସୈଫ୍ ଅଲ୍ଲୀ ଖାନ୍ ଲିଡ୍ ଗୋଲରେ ଦେଖାଯିବେ। ଏହି ସସପେନ୍ସ-ଥ୍ରାଲର ଫିଲ୍ମ ମାଧ୍ୟମରେ ଅକ୍ଷୟ ଏବଂ ସୈଫ୍ ଅନେକ ବର୍ଷ ପରେ ଏକାଠି ବଡ଼ ପରଦାରେ ନଜର ଆସିବେ। ଏଥିରେ ସୈଫ୍ ନାୟକ ସାଜିଥିବାବେଳେ ଅକ୍ଷୟ ଖଳନାୟକ ଭୂମିକାରେ ଦେଖାଯିବେ। ଫିଲ୍ମ ନିର୍ମାତା ଏକ ପୋଷ୍ଟର୍ ସେୟାର୍ କରି ଏହାର ରିଲିଜ୍ ଡେଟ୍ ବିଷୟରେ ଘୋଷଣା କରିଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟର୍ ସେୟାର୍ କରି ଫିଲ୍ମ ନିର୍ମାତା ଲେଖିଛନ୍ତି, "୧୧ ସେପ୍ଟେମ୍ବର, ୨୦୨୬ରେ ସିନେମାହଲ୍‌ରେ।

୬୦ଟି ବୁଜ୍‌ବଷ୍ଟର୍ ଫିଲ୍ମର ଶାନଦାର ଯାତ୍ରା ପରେ ନିର୍ଦ୍ଦେଶକ ପ୍ରିୟଦର୍ଶନ ଏବେ ନେଇ ଆସୁଛନ୍ତି 'ହେରାଫେରି ୩'!" ଏହି ଘୋଷଣା ସାମ୍ନାକୁ ଆସିବା ମାତ୍ରେ ଦର୍ଶକଙ୍କଠାରୁ ଫିଲ୍ମକୁ ମିଳିଲା ଜୋରଦାର ରିସ୍ପନ୍ସ ବଢ଼ିଯାଇଛି। ଏହି ଥ୍ରାଲର ଡ୍ରାମାରେ ଅକ୍ଷୟ ଏବଂ ସୈଫ୍‌ଙ୍କ ସହ ଶୋଭା ପିଇଗାଓଁକର ଏବଂ ସୈୟାମୀ ଖେର୍ ମଧ୍ୟ ନଜର ଆସିବେ। ସୈଫ୍ ଅଲ୍ଲୀ ଖାନ୍ ଏବଂ ଅକ୍ଷୟ କୁମାରଙ୍କ ଯୋଡ଼ିକୁ 'ମିଶି ଖୁଲାଡ଼ି ଦୁ ଅନାଡ଼ି' ଫିଲ୍ମରେ ଏକାଠି ଦେଖିବାକୁ ମିଳିଥିଲା। ଏହାପରେ ଦୁହିଁ 'ଟସନ୍' ଫିଲ୍ମରେ ମଧ୍ୟ ଏକାଠି କାମ କରିଥିଲେ। ଏବେ ଦୁହିଁ 'ହେରାଫେରି' ଫିଲ୍ମ ଜରିଆରେ ପୁଣି ଥରେ ପରଦାରେ ହଲଚଲ ସୃଷ୍ଟି କରିବାକୁ ପ୍ରସ୍ତୁତ ହେଉଛନ୍ତି। ୧୧ ସେପ୍ଟେମ୍ବରରେ 'ହେରାଫେରି ୩' ରିଲିଜ୍ ହେଉଥିବାବେଳେ ଏହିଦିନ ଆନ୍ଧ୍ରପ୍ରଦେଶର ପିଲ୍ଲୁ 'ଉତ୍ତରା ଟାଟା' ମଧ୍ୟ ରିଲିଜ୍ ହେଉଛି। ବକ୍ସ ଅଫିସ୍‌ରେ ଏହି ନଲ୍ଲର ବେମ୍ବଳା ବେଶ୍ ମଜାଦାର ହେବ।



ଆଜି ବାହୁଡ଼ିଥିଲା ପଲ୍ଲୀକବି ନନ୍ଦକିଶୋର ବଳ

ନନ୍ଦକିଶୋର ବଳ ଓଡ଼ିଆ ସାହିତ୍ୟର ପ୍ରାକ୍-ଆଧୁନିକ ଜୀବନର ଜଣେ କବି ଥିଲେ। ଓଡ଼ିଶାର ଗ୍ରାମୀଣ ପ୍ରାକୃତିକ ସୌନ୍ଦର୍ଯ୍ୟ, ସରଳ ଜୀବନଯାତ୍ରା ଏବଂ ପଲ୍ଲୀ ସଂସ୍କୃତିକୁ ନିଜ ଲାବ୍ୟ-କବିତାରେ ସ୍ଥାନ ଦେଇଥିବାରୁ ତାଙ୍କୁ 'ପଲ୍ଲୀକବି' ଭାବରେ ସମ୍ମାନିତ କରାଯାଇଛି।



ତାଙ୍କର କବିତାଗୁଡ଼ିକ ସରଳ, ହୃଦୟସ୍ପର୍ଶୀ ଏବଂ ଓଡ଼ିଆ ଲୋକସଂସ୍କୃତି ଓ ପଲ୍ଲୀ ଜୀବନର ଜୀବନ୍ତ ପ୍ରତିଛବି ଅଟେ। ଓଡ଼ିଆ ସାରସ୍ୱତ ଜଗତକୁ ଶ୍ରୀବୃଦ୍ଧି କରିବାରେ ସେ ନିରନ୍ତର ପ୍ରୟାସ କରିଥିଲେ। ଗ୍ରାମ୍ୟ ସମାଜକୁ କୁସଂସ୍କାର ମୁକ୍ତ କରି ଏକ ସୁସ୍ଥ ସମାଜ ଗଠନ କରିବା ତାଙ୍କର ଅନ୍ୟ ଏକ ସପ୍ନ ଥିଲା। ପିଲାଦିନେ ତାଙ୍କ ନାମ ରଖାଯାଇଥିଲା ରମାନନ୍ଦ। ମନେ ତାଙ୍କ ନାମ ବଦଳାଇ ନନ କିଶୋର ବଳ ରଖାଯାଇଥିଲା।

୧୮୭୫ ମସିହା ଡିସେମ୍ବର ୨୨ ତାରିଖରେ ନନ୍ଦକିଶୋର ଜଡଙ୍କ ଟିଲ୍ଲା ଜୁଝୁପୁର ଗ୍ରାମରେ ପିତା ଭଜନାନନ୍ଦ ଜେନା ଓ ମାତା ହିରଣ୍ମୟୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତୁକସୀ ଦୁଇପତ୍ରରୁ ବାସିଲା ପରି ବାଲ୍ୟକାଳରୁ ତାଙ୍କ ସାରସ୍ୱତ ପ୍ରତିଭାର ଉନ୍ମେଷ ଘଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି ସେ ଜଟକ ଟାଉନ୍ ସ୍କୁଲ୍ ରେଭେନ୍ସା କଲିଜିଏଟ୍ ସ୍କୁଲ୍ କେନ୍ଦ୍ରାପଡ଼ା ଭାଇ ଙ୍କଟାଙ୍କା ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ୧୮୯୬ ମସିହାରେ ସେ ଯୋଦିନା ଦେବୀଙ୍କୁ ବିବାହ କରିଥିଲେ। ଉତ୍ତରବହି ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ ଜଟକର ଟାନ୍ଦ୍ର ସ୍କୁଲରେ ନନ୍ଦକିଶୋର ନିଜର ନାକରି ଜୀବନ ଆରମ୍ଭ କରିଥିଲେ। ଏହାର କିଛି ବର୍ଷ ପରେ ସ୍କୁଲ୍ ସବ୍ ଇନ୍ସପେକ୍ଟର୍ ଭାବେ ପଦୋନ୍ନତି ପାଇଥିଲେ। ଏହି ନାକିରିରେ ବାରମ୍ବାର ଗର୍ତ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ଦ୍ୱୈତ୍ୱାକ୍ତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଲେ। ଦିନୁ ଦିବିସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡ଼ିଲା। ୧୯୨୮ ମସିହା ଆଜିର ଦିନରେ ସେ ଇହଲୀଳା ସମ୍ବରଣ କରିଥିଲେ। ନନ୍ଦକିଶୋର କଲେଜ ପଢ଼ିବା ଠୁ ହିଁ ପ୍ରବଳ ଲେଖିବା ଆଗକୁ ବଢ଼ିଥିଲେ। ନିଜର ପ୍ରଥମ ପ୍ରବନ୍ଧକୁ ସେ 'ପଲ୍ଲୀଚିତ୍ର' ନାମରେ ଜଦିତାର ରୂପ ଦେଇଥିଲେ। ସେ୧୯୦୦ରୁ ଅଧିକ ସଂଗୀତ ମଧ୍ୟ ଲେଖିଥିଲାଛନ୍ତି। ଶିଶୁ କବିତା କ୍ଷେତ୍ରରେ ପଲ୍ଲୀ କବି ନଜର ଏକ ସ୍ୱତନ୍ତ୍ର ପରିବେଷ ସୃଷ୍ଟି କରିଥିଲେ। ନାନା ବାୟା ଖାତ ହେଉଛି ତା'ର ଏକ ନିଜସ୍ୱ ଜଦାହରଣ। ତାଙ୍କ ଦ୍ୱାରା ରଚିତ କବୁ କବିତା ବିଦ୍ୟାଳୟ ପାଠ୍ୟପୁସ୍ତକରେ ସ୍ଥାନିତ ହୋଇଛି। ପଲ୍ଲୀ କବିଙ୍କ ସୃଷ୍ଟି ଭିତରେ 'ନିର୍ଝରିଣୀ', 'ଦସ୍ତର ଭୋଜିନ', 'ପ୍ରଭାତ ସଙ୍ଗୀତ', 'ନିର୍ମାଲ୍ୟ', ଓ 'ଜନ୍ମଭୂମି' ଆଦି ଗାତି କବିତା ଖୁବ୍ ଲୋକପ୍ରିୟ। ସେହପରି ତାଙ୍କ ଦ୍ୱାରା ରଚିତ ଜାବ୍ୟ ଖଣ୍ଡରେ 'ସାତା ବନବାସ', 'କୃଷ୍ଣକୁମାରୀ', 'ଶମିଷ୍ଠା', 'ତରଙ୍ଗିଣୀ', 'ଚାରୁଚିତ୍ର' ଆଦି ବହୁ ପାଠକାୟ ଆଦୃତି ଲାଭ କରିପାରିଛି। କେବଳ ପଲ୍ଲୀ ଜୀବନକୁ ନେଇ ଭାବନା ସୃଷ୍ଟି ନ ଥିଲା। ଯୌତୁକ ପରି ସାମାଜିକ କବ୍ୟାଧୂ ବିରୋଧରେ ସେ 'କନକଲତା' ନାମକ ଉପନ୍ୟାସ ରଚନା କରିଥିଲେ। ଗାଉଁଲି ସରଳ ଜୀବନଦୃ ଯୋଦୃତ୍ତ ଓ ଦାଲ୍ୟବିହୀନ ଜିପରି କଳୁଷିତ କରିଥାଏ, ତାହାର ଛବି ଏଥିରେ ବଡ଼ଖୂବ୍ୟକୁ ମିଳିଥାଏ। ସ୍ୱଭାବ ସୁଲଭ ଢଙ୍ଗରେ ନିଜ ରଚନାରେ ସମାଜ ସଂସ୍କାର ପାଇଁ ସେ ଉଦ୍ୟମ କରିଥିଲେ।

ସମ୍ଭାବନା

କେମିତି ସମ୍ଭାଳିବେ କାମ ଚାପ

ଆଜିକାଲି କର୍ମଜୀବୀଙ୍କ କାମ ଚାପ ଅଧିକ। ଏହା ଯୋଗୁଁ ମାନସିକ ଅଶାନ୍ତି ସହ ସ୍ୱାସ୍ଥ୍ୟ ଖରାପ ହେଉଛି। ତେବେ ସେମାନେ କିଛି ଉପାୟକୁ ଆପଣାଇ କାମ ଚାପକୁ ହାଲୁକା କରିପାରିବେ।



- କାମର ପ୍ରାଥମିକତାକୁ ନିର୍ଦ୍ଧାରିତ କରନ୍ତୁ। ଜରୁରି କାମକୁ ପ୍ରଥମେ କରନ୍ତୁ।
- ଦିନ ତମାମ କେଉଁ ସବୁ କାମ କରିବା ଦରକାର, ସେସବୁ ଲେଖି ରଖନ୍ତୁ। ଏହାଦ୍ୱାରା ଚାପ କମ୍ ହେବ।
- ବଡ଼ କାମକୁ ଛୋଟ ଭାଗରେ ବାଣ୍ଟନ୍ତୁ। ଏହିପରି ଭାବେ ଛୋଟ ଛୋଟ ଲକ୍ଷ୍ୟକୁ ପୂରା କରିବା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ।
- ଦ୍ୱେଷ୍ ନେବାକୁ ଭୁଲନ୍ତୁ ନାହିଁ। ଲଗାତାର ବସି କାମ କରିବା ଦ୍ୱାରା ଉତ୍ପାଦକତା କମିପାରେ। ସମୟନିୟନ୍ତ୍ରଣ କରିବା ଶିଖନ୍ତୁ। କେଉଁ ସମୟରେ କେଉଁ କାମ କରିବେ ତାହା ଧାର୍ଯ୍ୟ କରନ୍ତୁ।
- ମଲଟି ଟାସ୍କ୍ କରନ୍ତୁ ନାହିଁ। ଗୋଟ୍‌ଏ ସମୟରେ ଏକାଧିକ କାମ ନ କରି ଗୋଟିଏ କାମ କଲେ ଭଲ ଫଳ ମିଳେ।
- ଆବଶ୍ୟକ ପଡ଼ିଲେ ସହକର୍ମୀ ତଥା ବରିଷ୍ଠ ସହଯୋଗୀଙ୍କ ସହାୟତା ନିଅନ୍ତୁ। ସାହାଯ୍ୟ ପାଇଁ ସଙ୍କୋଚ କରିବା ଭଲ ନୁହେଁ।
- ଅଫିସ୍ ପରେ ଘର ଓ ପରିବାର ସହିତ ସମୟ ଅତିବାହିତ କରନ୍ତୁ।

ଅଫିସ୍‌ରେ ସମ୍ମାନ ବୃଦ୍ଧି

ସାଧାରଣତଃ ଅଫିସ୍‌ରେ ସମସ୍ତେ ନିଜର ସମ୍ମାନ ବୃଦ୍ଧି ତଥା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିପାରି ନ ଥାନ୍ତି। ସେହିପରି କିଏ ନିଜ କାମ ମାଧ୍ୟମରେ ଲୋକପ୍ରିୟ ହେବାକୁ ଚେଷ୍ଟା କରନ୍ତି ତ ଆଉ କିଏ ନିଜର ବ୍ୟକ୍ତିତ୍ୱ ମାଧ୍ୟମରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବାକୁ ପ୍ରୟାସ କରିଥାନ୍ତି।



- ଅଫିସ୍‌ରେ ସହକର୍ମୀଙ୍କ ସହ କଥା ହେବା ଦେଖେ ହସି ହସି କଥାବାର୍ତ୍ତା କରନ୍ତୁ।
- ଠିକ୍ ସମୟରେ କାମ ପୂରା କରନ୍ତୁ। ଏହା ବିଁ ଅଫିସ୍‌ରେ ସମ୍ମାନ ବୃଦ୍ଧିରେ ସାହାଯ୍ୟ କରେ।
- କେବଳ ନିଜ କାମ ନ କରି ଟିମ୍‌ୱାର୍କ ମଧ୍ୟ କରନ୍ତୁ।
- ଭଲ କଥାବାର୍ତ୍ତା କରୁଥିବା କର୍ମଚାରୀଙ୍କ ସମ୍ମାନ ଭଲ ରହେ।
- ଅନ୍ୟମାନଙ୍କର ସମ୍ମାନ କରନ୍ତୁ ଏବଂ ସମ୍ମାନ ସହିତ କଥାବାର୍ତ୍ତା କଲେ ଏହା ବ୍ୟକ୍ତିତ୍ୱକୁ ପ୍ରତିଳିକନ କରେ।
- ପ୍ରତ୍ୟେକ ସମୟରେ ଅଭିଯୋଗ ନ କରି ସମସ୍ୟା ସମାଧାନ କରିବା ଶିଖନ୍ତୁ।
- ଅଫିସ୍ ରାଜିପଡୁ ଦୂରରେ ରୁହନ୍ତୁ। ପାରତର୍ଜା ଉପରେ ଧ୍ୟାନ ଦିଅନ୍ତୁ ନାହିଁ।
- ଅଫିସ୍‌ରେ ଅନ୍ୟ ସହକର୍ମୀଙ୍କ ସାହାଯ୍ୟ କରନ୍ତୁ। ଏହି ସୁଭାବ ବି ସମ୍ମାନ ବୃଦ୍ଧିରେ ସହାୟକ ହୁଏ।

ବିଦେଶରେ ପାର୍ଟ ଟାଇମ୍



ବିଦେଶରେ ପଢ଼ା ସହିତ ପାର୍ଟ ଟାଇମ୍ ଚାକିରି କରିବା ଭାରତୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ। ସେହିପରି ପ୍ରତ୍ୟେକ ଦେଶରେ ପାର୍ଟ ଟାଇମ୍ ଚାକିରି କରିବାର ଅନୁମତି ଅଛି। କାରଣ ଏହା ଦ୍ୱାରା ପିଲା ସେମାନଙ୍କର ନିତିଦିନର ଖର୍ଚ୍ଚ ଉଠାଇପାରନ୍ତି। ତେବେ ଆମେରିକା, ବ୍ରିଟେନ ଭଳି ଅନ୍ୟ ଦେଶରେ ପାର୍ଟ ଟାଇମ୍ କାମକୁ ନେଇ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରାଯାଇଛି।

ଆମେରିକାରେ ଭାରତୀୟ ଛାତ୍ର ସପ୍ତାହରେ ୨୦ ଘଣ୍ଟା କାମ କରିପାରିବେ। ପଢ଼ା ଜାରି ଥିବା ବେଳେ ଏ ନିୟମ ଲାଗୁ ହୋଇଥାଏ। ସେହପରି ସେମେଷ୍ଟାର ବ୍ରେକ୍ ତଥା ଛୁଟି ଥିଲେ ଛାତ୍ରଛାତ୍ରୀ ସପ୍ତାହକୁ ୪୦ ଘଣ୍ଟା ମଧ୍ୟନ୍ତ କାକିରି କରିପାରିବେ। ବର୍ଷେ ମଡ଼ା ପୂରଣ କରିଥିବା ପିଲା ଜ୍ୟାମ୍ପସ ବାହାରେ ଚାକିରି କରିପାରିବେ। ତେବେ ପଢ଼ା ସମୟରେ କାନାଡ଼ାରେ ଭାରତୀୟ ଛାତ୍ର ସପ୍ତାହକୁ ୨୪ ଘଣ୍ଟା ଏବଂ ଛୁଟି ସମୟରେ ଅସୀମିତ ଘଣ୍ଟା ପର୍ଯ୍ୟନ୍ତ କାମ କରିପାରିବେ। ଜାଖାଲିଡ ଷ୍ଟଡି ମନମିନ୍ଦ୍ ଥିବା ଛାତ୍ରଛାତ୍ରୀଙ୍କୁ ଜ୍ୟାମ୍ପସ ବାହାରେ ଚାକିରି କରିବାର ଅନୁମତି ଅଛି।

ସେହିପରି ଅଷ୍ଟ୍ରେଲିଆରେ ଭାରତୀୟ ଛାତ୍ରଛାତ୍ରୀଙ୍କୁ ୨୪ ଦିନରେ ୪୮ ଘଣ୍ଟା ପର୍ଯ୍ୟନ୍ତ କାମ କରିବାର ଅନୁମତି ଅଛି। ଏଠାରେ ବି ଅନ୍ୟ ଦେଶ ଭଳି ଛୁଟି ସମୟରେ ଅନଲିମିଟେଡ୍ କାମ କରିବାର ଅନୁମତି ମିଳିଥାଏ। ଯୋଷ୍ଟ ଗ୍ରାଜୁଏଟ ଡିଗ୍ରୀ ଆରମ୍ଭ କରିବା ପରେ ବିନା କୌଣସି ସମୟ ସୀମାରେ କାମ କରିପାରିବେ। ତେବେ ଜର୍ମାନୀରେ ପଢ଼ା ସମୟରେ ୨୦ ଘଣ୍ଟା ଏବଂ ଛୁଟିଦିନରେ ସପ୍ତାହକୁ ୪୦ ଘଣ୍ଟା ପାର୍ଟ ଟାଇମ୍ ଚାକିରିର ଅନୁମତି ଅଛି। ମୁଖ୍ୟତଃ ଛାତ୍ରଛାତ୍ରୀଙ୍କୁ ବର୍ଷକରେ ୧୨୦ ପୂରା ଦିନ, ୨୪୦ ଅଧା ଦିନ କାମ କରିବାର ଅନୁମତି ଅଛି। ନ୍ୟୁଜିଲାଣ୍ଡରରେ ଭାରତୀୟ ଛାତ୍ର ଏକାଡେମିକ ସେସନ ସମୟରେ ପ୍ରତି ସପ୍ତାହରେ ୨୦ ଘଣ୍ଟା ଏବଂ ଛୁଟିରେ ଫୁଲ୍ ଟାଇମ୍ କାମ କରିପାରିବେ। ଏହି ସୁବିଧା ଅତି କମ୍‌ରେ ଦୁଇ ବର୍ଷର ପୂର୍ଣ୍ଣକାଳୀନ କାର୍ଯ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ। ଫ୍ରାନ୍ସରେ ପଢ଼ୁଥିବା ଭାରତୀୟଛାତ୍ର ଶିକ୍ଷାବର୍ଷରେ ପ୍ରତିବର୍ଷ ୯୬୪ ଘଣ୍ଟା

ଉତ୍କଳ ସମାଚାର

ସମ୍ପାଦକୀୟ...

ବୁଧବାର ୨ ନଭେମ୍ବର ୨୦୨୬

ଦୀପାବଳି, ବିଭିନ୍ନ ଦୀପ

ଡ଼ଃ. ଅରୁନ୍ଧତୀ ଦେବୀ

ଦୀପ ପ୍ରଜ୍ୱଳନର ତେତନା ଆମ ସମସ୍ତଙ୍କ ଭିତରେ ଗୋଟିଏ ଶିକ୍ଷା ଦେଇଥାଏ ଏହା ଜେତ୍ କ ଅନ୍ଧାରର ବିନାଶ ଜରିନଥାଏ ଏହା ଆମ ଆଧାତ୍ମିକ ତେତନାର ପ୍ରଜ୍ୱଳନ ସହିତ ପରିବେଶ ପାଇଁ ମଧ ଏକ ଆନନ୍ଦଦାୟକ ଙ୍ଗରତନା ସୃଷ୍ଟି କରିଥାଏ । ପ୍ରତିଟି ହିନ୍ଦୁ ବିଶ୍ୱାସୀ ଓ ଓଡ଼ିଆ ଆଧାତ୍ମିକ ଜୀବନାକୁ ଧରିଥିବା ଘର ହେଉ ବା ଠାକୁର ଘର ସବୁଠି ଦୀପ ଜଳାଯାଏ । ଆମ ପ୍ରତିଟି ଓଡ଼ିଆ ଘରଣୀ ସନ୍ଧ୍ୟାବେଳେ ସଜ୍ଜବତୀ ଦେବାର ପ୍ରଥା ରହିଛି । ଏହି ସଜ୍ଜବତୀର ପ୍ରତାନ ସମ୍ପର୍କରେ ଏକ ସଂସ୍କୃତ ମନ୍ତ୍ରର ଓଡ଼ିଆ ଭାବାର୍ଥ ହେଉଛି - 'ହେ ପ୍ରଦୀପର ଶିଖା ତୁମେ ଶୁଭମୟ, ତୁମେ ଜଲ୍ୟାଣକାରୀ ତୁମେ ମନସ୍ତମଳ ଦାୟକ ଓ ତୁମେ ଆରୋଗ୍ୟକାରୀ ଆମ ଶତ୍ରୁ ମାନଙ୍କ ବୁଦ୍ଧି ବିନାଶ କରିଥାଅ । କୃତଜ୍ଞତା ପୂର୍ବକ ତୁମକୁ ଭକ୍ତି ନୈବେଦ୍ୟ ଅର୍ପଣ ପୂର୍ବକ ମଧ୍ୟାନ୍ତ ପ୍ରଣାମ ଜଣାଉଛୁ ।' ଦୀପ ପ୍ରାୟତଃ ଘର ହେଉ ବା ତତ୍ତଜାତୃକ, ବଦ୍ୟାଳୟ ହେଉ ବା ପୂଜାସ୍ଥଳୀ ସବୁଠି ଏହା ପ୍ରଜ୍ୱଳନ ହୋଇଥାଏ । ତେବେ ଜାର୍ତ୍ତିକ ମାସରେ ଦୀପାବଳି ସମୟରେ ଏହା ସ୍ୱତନ୍ତ୍ର ଓ ଅନନ୍ୟ । ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦୀପଦାନ ଅର୍ପଣ ହୋଇଥାଏ । ଦୀପ ପ୍ରଜ୍ୱଳନ ସମୟରେ ଏହାର ଶିଖା ଅପୂର୍ବ ଓ ରମଣୀୟ ପରିବେଶ ସୃଷ୍ଟି କରିଥାଏ । ସେଇଁଠି ଦୀପ ପ୍ରଜ୍ୱଳନ ହେଉଥାଏ ସେଠି ତେବତାଙ୍କ ଆଶୀର୍ବାଦ ମିଳିଥାଏ ସର୍ବୋପରି ପ୍ରଜ୍ୱଳିତ ଦୀପ ଶିଖା ସମସ୍ତଙ୍କୁ ଏହି ଶିକ୍ଷା ତେଇଥାଏ ଯେ - 'ଈଶ୍ୱର ହିଁ ଏକ ମାତ୍ର ସତ୍ୟ' । ଭାରତର ବିଭିନ୍ନ ତେବାଳୟରେ ଯେଉଁ ଦୀପ ସବୁ ପ୍ରଜ୍ୱଳନ ହୋଇଥାଏ ଏହା ବିଭିନ୍ନ ପ୍ରକାରର । ସେହି ଦୀପ ସମ୍ପର୍କରେ ଆଲୋଚନାଟି ରଖୁଛୁ । ଜାର୍ତ୍ତିକ ଦୀପ : ଆମ ଓଡ଼ିଶା ବ୍ୟତୀତ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ, କେରଳ, କର୍ଣ୍ଣାଟକ ଏପରିକି ଶ୍ରୀଲଙ୍କାରେ ରହୁଥିବା ହିନ୍ଦୁ ମାନଙ୍କ ଘରେ ଜାର୍ତ୍ତିକ ପୂର୍ଣ୍ଣିମା ସମୟରେ 'ଜାର୍ତ୍ତିକ ଦୀପ ପ୍ରଜ୍ୱଳନ ହୋଇଥାଏ । ବିଧି ଅନୁଯାୟୀ ରଙ୍ଗୋଲୀ ବା ମୁତୁଜ ଝୁଟି ପଡାଯାଇ ଏହା ଉପରେ ଦୀପ ଜଳାଯାଏ । କୁବେର ଦୀପ : ଅର୍ଥର ଦେବତା କୁବେରଙ୍କ କୃପା ପାଇବା ପାଇଁ ସମସ୍ତଙ୍କର ଏକ ଇପ୍ସିତ ପ୍ରାର୍ଥନା ରହିଥାଏ । ତେବେ କୁବେର ଦୀପ ପ୍ରଜ୍ୱଳନ ଦ୍ୱାରା ତେବଳ ଧନ ନୁହେଁ ସମୃଦ୍ଧି, ସୌଭାଗ୍ୟ ମିଳିଥାଏ । ଏହା ସହିତ ଅର୍ଥଗତ କ୍ଷେତ୍ର ପାଇଁ କୁବେରଙ୍କ କୃପା ପ୍ରାପ୍ତ ହୋଇ ଉନ୍ନତି ହେବା ସହ ଶମୃଦ୍ଧ ଜୀବନ ପାଇଁ ଏହି ଦୀପ ପ୍ରଜ୍ୱଳନ କରାଯାଏ । ଏହି ଦୀପଶିଖା ପରାକ୍ରମର ଅପୂର୍ବ ପ୍ରତୀକ ସାଜିଥାଏ । କୁବେର ଦୀପରେ ଘିଅ କିମ୍ବା ରାଶି ତେଲ ବ୍ୟବହାର ହୋଇଥାଏ । ତାମାକ୍ଷୀ ଦୀପ : ଆସାମର ପ୍ରତ୍ୟକ୍ଷ ଦେବୀ ତାଙ୍ଗିରୀ ତାମାକ୍ଷୀଙ୍କ ଜୀବା ସମ୍ପର୍କରେ ସମସ୍ତେ ଜାଣନ୍ତି । ମା' ତାମାକ୍ଷୀଙ୍କ ପ୍ରତୀମା ଖୋଦିତ ହୋଇ ଧାତୁ ଦ୍ୱାରା ଏକ ସ୍ୱତନ୍ତ୍ର ଦୀପ ପ୍ରସ୍ତୁତ ହୋଇଥାଏ । ଏହାର ନାମ ହେଉଛି ତାମାକ୍ଷୀ ଦୀପ । ଠାକୁଘର, ଘରସଜା, କାର୍ଯ୍ୟାଳୟ ବା ପ୍ରତିଷ୍ଠାନ, ପୂଜାସ୍ଥଳୀରେ ଏହି ଦୀପ ପ୍ରଜ୍ୱଳନ ଦ୍ୱାରା ସମସ୍ତ ପାପର ବିନାଶ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଲକ୍ଷ୍ମୀ ଦୀପ : ତେବୀ ଲକ୍ଷ୍ମୀଙ୍କ ପ୍ରତୀମା ଖୋଦିତ ହୋଇ ଏକ ଦୀପ ପ୍ରସ୍ତୁତ ହୋଇଥାଏ ଯାହାର ନାମ ହେଉଛି ଲକ୍ଷ୍ମୀ ଦୀପ । ଏହି ଦୀପ ସହିତ ଅଷ୍ଟଲକ୍ଷ୍ମୀ ଦୀପ ବି ପ୍ରଜ୍ୱଳନ କରାଯାଏ । ପୁରାଣରେ ଉଲ୍ଲେଖ ରହିଛି ଏହି ପ୍ରଦୀପ ପ୍ରଜ୍ୱଳନ ଯେଉଁ କୃପାଗୁଡ଼ିକ ପ୍ରଦାନ କରିଥାଏ ତାହା ହେଉଛି ଜ୍ଞାନ, ପ୍ରସିଦ୍ଧି, ସଫଳତା, ସନ୍ତାନ ସନ୍ତତି, ସାହାସ, ଧନଧାନ୍ୟ ଏବଂ ପାର୍ଥିବ ତଥା ଐଶ୍ୱୀ ସମ୍ପଦ । ଅଖଣ୍ଡ ଦୀପ : ଆମେ ଅନେକଙ୍କ ଘରେ ପୂଜା ପ୍ରତିଷ୍ଠାନ ବା ତେବାଳୟରେ ଅଖଣ୍ଡ ଦୀପ ଦେଖିଥାଉ । ତେବେ ଭରସାନ ଶ୍ରୀନିବାସ ବା ବିଷ୍ଣୁଙ୍କ ପ୍ରତୀକ ଅଖଣ୍ଡ ଦୀପ ଶୁଦ୍ଧପୁତ ଭାବେ ଜନେକର ଏକ ସମସ୍ୟାପୂରଣ ପ୍ରଜ୍ୱଳନ ହୋଇଥାଏ । ଆମ ଅନେକ ଓଡ଼ିଆଙ୍କ ଘରେ ବା ମଠ ମନ୍ଦିରରେ ଏକ ଉଚ୍ଚ ଜାତର ରୁଖା ଉପରେ ଅଖଣ୍ଡ ଦୀପ ଜଳାଯାଉଥିବା ଅନେକ ଦେଖିଥିବେ । ଏହି ଦୀପ ପ୍ରଜ୍ୱଳନ ଦ୍ୱାରା ଆନନ୍ଦ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ଦୁର୍ଗାଦୀପ : ମା' ଦୁର୍ଗତିନାଶିନୀ ତେବୀ ଦୁର୍ଗାଙ୍କ ଆରାଧାନା ନବରାତ୍ର ସମୟରେ ସବୁଆଡୁ ନକରାତ୍ମକ ଭାବନା ଓ ତେତନା ତଥା ଦୁଷ୍ଟ ଦୁରାତ୍ମକ ବିତାଡ଼ନ ପାଇଁ ଏହି ଦୀପ ପ୍ରଜ୍ୱଳନ ହୋଇଥାଏ । ଏହି ଦୁର୍ଗାଦୀପ ପ୍ରଜ୍ୱଳନ ସମୟରେ ଜାଗଚି ଲେଖୁର ବ୍ୟବହାର ହୋଇଥାଏ । ଏହି ଦୀପ ପ୍ରଜ୍ୱଳନ ଦ୍ୱାରା ପାଠ ଭଲ ହୋଇଥାଏ, ପରିବାର ଆନନ୍ଦମୟ ଓ ସମୃଦ୍ଧ, ବିବାହ, ମଙ୍ଗଳକାରକ ତଥା ସୁସ୍ଥ ଓ ନିରାମୟ ଜୀବନ ପାଇଁ ଜଲ୍ୟାଣ ପ୍ରଦାନ କରିଥାଏ । ମହାଦୀପ : ମହାତୁଲୁଜ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ପୁଣ୍ୟ ଜାର୍ତ୍ତିକ ମାସର ପୂର୍ଣ୍ଣିମାରେ ମହାଦୀପ ପ୍ରଜ୍ୱଳନର ପରମ୍ପରା ରହିଛି । ଏହି ପ୍ରଜ୍ୱଳନରୁ ଦୀପର ଉତ୍ତାପ ତଥା ଆଲୋକ ବହୁତ ଦୂର ପର୍ଯ୍ୟନ୍ତ ଦେଖିବାକୁ ମିଳିଥାଏ । ଅରୁଣାଚଂଚ ପର୍ବତରେ ଏହାର ଶିଖରରେ ଥିବା ପୀଠ କ୍ଷେତ୍ରରେ ମହାଦୀପ ପ୍ରଜ୍ୱଳନ ହୋଇଥାଏ । ବିଷ୍ଣୁ ଦୀପ : ବଷିର ଭାରତର କେତେକ ରାଜ୍ୟରେ ଭରସାନ ବିଷ୍ଣୁ ତଲା ରାଜାଙ୍କୁ ପାତାଳପୁରୀକୁ ପେଷଣ କରିବା ଦିନଠାରୁ ଆନ୍ଧ୍ରିକ ସ୍ମରିମୟ ଜରି ବାମନ ରୂପୀ ବିଷ୍ଣୁଙ୍କ ପୂଜାଅର୍ଚ୍ଚନା କରାଯାଇ ବିଷ୍ଣୁ ଦୀପ ପ୍ରଜ୍ୱଳନ ହେବା ସହ ଏକ ବିଧିବଦ୍ଧ ପର୍ବ ଅନୁଷ୍ଠିତ ହୋଇଥାଏ । ଏହି ବିଷ୍ଣୁ ଦୀପ ମନ୍ଦିର ଓ ବାସଗୃହରୁ ସୁସଜ୍ଜିତ କରାଯାଇଥାଏ । ବଷିର ଭାରତର ଭାଷାରେ ଏହାର ପରିଚିତ ନାମ ହେଉଛି - 'ଜାର୍ତ୍ତିକାରୀ ଦୀପମ୍' । ଶିବ ଦୀପ : ଭୋଳାଶଙ୍କର ପଶୁପତିନାଥ ଭରତାର ଶିବଙ୍କ କୃପାପ୍ରାପ୍ତ ନିମିନ୍ତ ପବିତ୍ର ଜାର୍ତ୍ତିକ ମାସରେ ଡାଙ୍କରି ଉଦ୍ଦେଶ୍ୟରେ ଦୀପ ପ୍ରଜ୍ୱଳନ ହୋଇଥାଏ । ଏଥିରେ ଘିଅ ଓ ରାଶିତେଲ ବ୍ୟବହାର ହୋଇଥାଏ । ଆଶୁତୋଷ କୃପା ଜଲେ ସବୁ ସଙ୍କଟ ତୂଚୀଭୂତ ହେବା ସହ ଆୟୁଷ ବୃଦ୍ଧି ହୋଇଥାଏ । ଗଙ୍ଗାଦୀପ : ଜାର୍ତ୍ତିକ ମାସ ବ୍ୟତୀତ ବର୍ଷର ବିଭିନ୍ନ ପର୍ବପର୍ବାଣୀ ପବିତ୍ର ଗଙ୍ଗାନଦୀରେ ଦୀପ ପ୍ରଜ୍ୱଳନ କରାଯାଇଥାଏ । ଏହାକୁ ସମସ୍ତେ 'ଗଙ୍ଗାଦୀପ' ନାମରେ ଜାଣନ୍ତି । ନିକଟତମ ଲୋକଙ୍କ ସ୍ୱାସ୍ଥ୍ୟ ଆରୋଗ୍ୟ, ଉତମ ସୁସ୍ଥତା ଓ ମଙ୍ଗଳ ପ୍ରାର୍ଥନା କରାଯାଇ ଏହି ଦୀପ ପ୍ରଜ୍ୱଳନ କରାଯାଏ । ପୂଜା ଦୀପ : ପୂଜା ଦୀପ ସମ୍ପର୍କରେ ଆମେ ସମସ୍ତେ ଜଣା ଅଧିକେ ଜାଣିଛୁ । ପୂଜା ଆରାଧନା କରାଯାଉଥିବା ସ୍ଥାନରେ ଯେଉଁଠି ପୂଜା ଙ୍କଳ୍ପ ଅନୁଷ୍ଠିତ ହେଉଥାଏ ସେଠାରେ ଏହି ଦୀପ ପ୍ରଜ୍ୱଳିତ କରାଯାଏ । ଏହି ଦୀପର ଶିଖା ଭିତରେ ଥିବା ଆଶୀର୍ବାଦ ଜ୍ଞାନ, ଯଶ, ସମ୍ମାନ ବଢ଼ାଇବାର କୃପା ପ୍ରଦାନ କରିବା ସହ ଘରୁ ଦୁଃଖ ଓ ଦୋହର ଅନ୍ଧାର ଦୂରେଇ ଥାଏ । ଏହି ଦୀପ ସଜ୍ଜବାତୃକ ଭାବନା ସୃଷ୍ଟି କରିବା ସହ ଜାହାଙ୍କର କୁଦୃଷ୍ଟିକୁ ଦୂରେଇ ଆନନ୍ଦ ଓ ଉର୍ଜାର ତେତନା ସୃଷ୍ଟି କରିଥାଏ ।

କୃତଜ୍ଞତା ଜ୍ଞାପନର କଥା

ରମ୍ୟ ରଞ୍ଜନ ପଟେଲ

ନୂଆଁଖାଇ ପର୍ବ ପାଳନ ବେଳେ ଗୋଟିଏ ସହରୀ ଉଚ ମଧ୍ୟ-ବିତୀୟ ପରିବାରର ସାତ ଆଠ ବର୍ଷ ବୟସର ପିଲାଟିଏ ପଚାରିଲା, 'ଏଇକି ଉତ୍ସବ ପାଳନ ଜରାଯାଏ ଜାହିଁକି ?' ତିକିଏ ଭାବିବାକୁ ହେଲା । ମନୁଷ୍ୟ ଲାଗି ଖାଦ୍ୟାନ୍ନ ଉପଲବ୍ଧ ହୋଇଥିବାରୁ ପର୍ବଲ ଅମଳ ପରେ ଏହାକୁ ସମ୍ମନ ଜରିଥିବା ଅଦୃଶ୍ୟ ଶକ୍ତି ଓ ଜାରଙ୍ଗପ୍ରତି ଜୃତଜ୍ଞତା ଜ୍ଞାପନ ଜରିବା ହେଉଛି ଏଇକି ପର୍ବର ଉଦ୍ଦେଶ୍ୟ । ତେବେ ନିରବରେ କୃତଜ୍ଞତା ଜ୍ଞାପନ ଜରା ନ ଯାଇ ସେହି ମହାର୍ଘ ମୁହୂର୍ତ୍ତର ଉତ୍ସବାୟନ ଜରାଯାଏ ଜାହିଁକି ? ଏହା ସତ ଯେ ଉତ୍ସବ ପାଳନ ଜରିବା ପଛରେ ଥିବା ଅନେକ ଜାରଣ ମଧ୍ୟରୁ ଗୋଟିଏ ପ୍ରମୁଖ ଜାରଣ ହେଲା ସଫଳତା ଲାଭକୁ ଆନନ୍ଦମୁଖର ଜରିବା; ଏବଂ ଯଦି ସଂଘର୍ଷ ପରେ ସଫଳତା ଆସିଥାଏ, ତେବେ ଉତ୍ସବାନ୍ତ ଅଧିକ ଉତ୍ତାତିତ ହୋଇଥାଏ । ହଜାର ହଜାର ବର୍ଷ ପୂର୍ବରୁ, ମାନବ ଜାତି ଲାଗି ସର୍ବାଧିକ ବଡ଼ ଆହ୍ୱାନ ଥିଲା ନିଜକୁ ବଞ୍ଚାଇ ରଖିବା । ସେହି ପରିପ୍ରେକ୍ଷୀରେ ଜୀବନ ଧାରଣର ମୌଳିକ ଆବଶ୍ୟକତା ରୂପେ ଖାଦ୍ୟ ଲାଭ ଜରିବା ଥିଲା ମନୁଷ୍ୟର ସର୍ବାଧିକ ମହତ୍ୱପୂର୍ଣ୍ଣ ଲକ୍ଷ୍ୟ, ଯାହା ହୁଏତ ମିଳୁଥିଲା ଶିକାରରୁ, ଫଳମୂଳ ସଂଗ୍ରହରୁ ଓ ପରେ କୃଷିରୁ ! ଏବଂ ଖାଦ୍ୟର ଉପଲବ୍ଧତା ସହିତ ସୃଷ୍ଟି ହେଉଥିଲା ଆନନ୍ଦମୁଖର କ୍ଷଣମାନ ! ଅବଶ୍ୟ, ବାଳନ୍ତୁରେ ମାନବ ସମାଜ ଶିକାର ଭଳି ଆଦିମ ଉପାୟରୁ ଓହରିଯାଇ କୃଷିକୁ ଆପଣାଇଲା, ଯଦ୍ୱାରା ଖାଦ୍ୟ ଉପଲବ୍ଧତାକୁ ଅପେକ୍ଷାକୃତ ଭାବେ ଅଧିକ ସୁନିଶ୍ଚିତ ଜରାଯାଇପାରିଲା । କିନ୍ତୁ, ସତ କହିଲେ, ଏବେ ସୁଦ୍ଧା କୃଷି ଦ୍ୱାରା ଖାଦ୍ୟ ଲାଭର ପ୍ରକରଣ ଅନିଶ୍ଚିତତାରୁ ସଂପୂର୍ଣ୍ଣ ମୁକ୍ତ ହୋଇପାରିନାହିଁ । ଆମ ଦେଶରେ କୃଷି ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ, ଯାହା ସର୍ବଦା ସ୍ଥିର ହୋଇ ନ ଥାଏ । ପୁଣି, ଏବର ଜଳବାୟୁ ପରିବର୍ତ୍ତନ ହେତୁ ବୃଷ୍ଟିପାତ ଆହୁରି ଅନିଶ୍ଚିତ ହୋଇ ପଡ଼ିଛି; ଅନାବୃଷ୍ଟି ଓ ଅତିବୃଷ୍ଟିର ପ୍ରଭାବ ଖାଦ୍ୟ ଉତ୍ପାଦନ ଉପରେ ପଡୁଛି । ତେଣୁ ଫସଲ ଅମଳ ପରେ କୃଷକ ଈଶ୍ୱରଙ୍କ ଉଦ୍ଦେଶ୍ୟରେ କୃତଜ୍ଞତାପୂର୍ଣ୍ଣ ପ୍ରଣତି ଜଣାଉଛି, ଯାହାର ପ୍ରସାଦରୁ ତା'ର ଆମାର ପୂର୍ଣ୍ଣ ହୋଇପାରିଛି । କୃଷି ଉତ୍ପାଦନ ଅନିଶ୍ଚିତ ହୋଇଥିବାରୁ ତାହାର ବିନ୍ଧିନ୍ନ ପର୍ଯ୍ୟାୟ ସହିତ ପ୍ରାର୍ଥନା ଓ ପୂଜା ଆତି ଙ୍ଗଙ୍ଗିଷ୍ଟ । ଆମ ରାଜ୍ୟରେ ଅକ୍ଷି ବୃତୀୟା ବିହନ ବୁଣାର ପର୍ବ ହୋଇଥିଲାବେଳେ ନୂଆଁଖାଇ ହେଉଛି ଫସଲ ଅମଳର ପର୍ବ । ନୂଆଁଖାଇ ପଶ୍ଚିମ ଓଡ଼ିଶାର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପର୍ବ ହୋଇଥିଲେ ହେଁ ଏବେ ସମଗ୍ର ରାଜ୍ୟ ଏହାକୁ ଉଦ୍ଯାପନ ସହିତ ପାଳନ ଜରାଯାଉଛି । କୃଷିଭିତ୍ତିକ ସମାଜର ସଂପ୍ରଦାୟରେ ପ୍ରଥମ ଅନ୍ନ ଗ୍ରହଣ ଜରିବା ପୂର୍ବରୁ କୃତଜ୍ଞତା ପ୍ରକାଶ ସ୍ୱରୂପ ଅନ୍ନ ଉତ୍ପାଦନ ପାଇଁ ସମସ୍ତ ଜାରଣ ଓ ଜାରଙ୍ଗଗୁଡ଼ିକୁ ତାହା ସାଂକେତିକ ଭାବେ ଅର୍ପଣ ଜରାଯାଏ, ସେଗୁଡ଼ିକ ସଜୀବ ହୁଅନୁ କିମ୍ବା ନିର୍ଜୀବ । ପୁଣି କୃତଜ୍ଞତାର ପ୍ରକାଶ ହେଉଛି ନମ୍ରତାର ଅଭିବ୍ୟକ୍ତି । ଏହି ଭାବ ମନୁଷ୍ୟକୁ ତୋମଳ ଜରେ । ପ୍ରକୃତି ସଷ୍ପୁଖରେ ମନୁଷ୍ୟ କେତେ ନ୍ୟୁନ, ସେହି ବିଷୟ ମନୁଷ୍ୟ ଏହି ଅବସରରେ ସ୍ୱୀକାର ଜରେ ! ଏହି ଭାବନା କୃଷକକୁ ସହିଷ୍ଣୁ ଓ ଧୈର୍ଯ୍ୟଶୀଳ ମଧ ଜରାଏ । ସେ ଦିନ ପିଲାଟିକୁ କହିବାକୁ ଚାହିଁଥିଲି ଯେ ତୁମେ ଖାଇଥିବା ପ୍ରତି ବାନା ଚାଉଳ ଲାଗି ଖର୍ଚ୍ଚ ହୁଏ ଦୁଇରୁ ଚାରି ଟେଚୁଲ ତାମତ ପାଣି, ଓ ତା' ସହିତ କୃଷକ ଶରୀରରୁ ନିସିଡ଼ି ଯାଉଥିବା ଅସରନ୍ତି ସ୍ୱେଦ ବିନ୍ଦୁ । ତେଣୁ ଖାଇବା ପୂର୍ବରୁ ଟିକିଏ ଏ ବିଷୟ ମନକୁ ନେବ, ପ୍ରତିଟି ଅନ୍ନକୁ ଧ୍ୟାନ ପୂର୍ବକ ଖାଇଲାବେଳେ ପ୍ରକୃତି ଓ ପୁରୁଷକୁ ଧନ୍ୟବାଦ ଜଣାଇବ । ଏହା ହେଲେ ପ୍ରତ୍ୟେକ ଭୋଜନ ସମୟ ହେବ ନୂଆଁଖାଇ ଭଳି ପବିତ୍ର ଓ ପ୍ରାଣାହୁତ । ସରଳ ଭାଷାରେ ଏତକ ବହିଲି ! ସେ କ'ଣ ବୁଝିଲା ଜଣା ନାହିଁ !

ଜଟିଳ ତୈଳ

ସରକାର ଯବି ଅରତ୍ୟା ଶେଷରେ 'ଓଏମ୍‌ସି'ମାନଙ୍କୁ ପେଟ୍ରୋଲ ଓ ଡିଜେଲର ଖାଉଟି ବିକ୍ରୟ ଦରରେ କୃଷି ସଚାଇବାକୁ ଅନୁମତି ପ୍ରଦାନ ଜରନ୍ତି, ଆମେ ଆଶ୍ଚର୍ଯ୍ୟ ହେବୁ ନାହିଁ । ସରକାର ହୁଏତ ବୁର୍ତ୍ତର ବର୍ଗର ଖାଉଟିମାନଙ୍କ ଉପରେ ତଜନିତ ଆର୍ଥିକ ବୋଝ ଲାଘବ ଜରିବାକୁ ତେବଳ ସେମାନଙ୍କୁ ଏଥିପାଇଁ ଏକ ସବ୍‌ସିଡି ପ୍ରଦାନ ଜରିବାର ଉପାୟ ଚିନ୍ତା କରିପାରନ୍ତି । ଏଭଳି ସବ୍‌ସିଡି ମଧ ସାମୟିକ ହେବା ଆବଶ୍ୟକ, ଯାହାର ତେତ ବରରେ ଭବିଷ୍ୟତରେ ସମ୍ଭାବ୍ୟ ହ୍ରାସ ସହିତ ଅନ୍ତ ପଟିବା ଉଚିତ ହେବ । ଲରାର ଯୁଦ୍ଧ ଓ ତଜନିତ ତୈଳ ଙ୍କଟରେ ନିଜତ ଭବିଷ୍ୟତରେ ଉନ୍ନତି ପଟିବାର ଛୋଟରି ଲକ୍ଷଣ ଦେଖାଯାଉନାହିଁ । ଏଇ ଙ୍କଟର ଫଳସ୍ୱରୂପ ଆନ୍ତର୍ଜାତିକ ତୈଳ ବଜାରରେ ଅଶୋଧିତ ତୈଳ ଅଧିକତର ଅଧିକ ଦୁର୍ମୂଲ୍ୟ ହେବାରେ ଲାଗି ତୈଳ ଆମଦାନିକାରୀ ଦେଶମାନଙ୍କ ପାଇଁ ଅସହନୀୟ ଆର୍ଥିକ ବୋଝ ସୃଷ୍ଟି କରିଚାଲିଛି । ଆମଦାନି ମାଧ୍ୟମରେ ନିଜର ତୈଳ ଆବଶ୍ୟକତାର ୮୫ ଶତାଂଶ ପୂରଣ କରିବାକୁ ପଡୁଥିବା ଭାରତ ଭଳି ଜନବହୁଳ ଦେଶ ପାଇଁ ଏହା ଯେ ବିଶେଷ ଚିନ୍ତାର ବିଷୟ ହୋଇଥାଏ, ତାହାର ଉଲ୍ଲେଖ ନିଷ୍ପ୍ରୟୋଜନ । ଭାରତରେ ତୈଳ ବିଶୋଧନାଗାରମାନଙ୍କୁ ବର୍ତମାନ ଅଶୋଧିତ ତୈଳ ବ୍ୟାରେଲ ପିଛା ହାହାରାରି ୧୨୦ ଡଲାର ମୂଲ୍ୟ ଦେଇ କ୍ରୟ କରିବାକୁ ପଡୁଛି, ଯାହା ହେଉଛି ବିଗତ ୧୨ ବର୍ଷର ସର୍ବୋଚ୍ଚ ମାସିକ ହାହାରାରି ମୂଲ୍ୟ । ଭୁଷିଆରୁ ଅପେକ୍ଷାକୃତ ଶସ୍ତାରେ ତୈଳ ଆମଦାନି ଆମର ବୋଝକୁ କିଛି ମାତ୍ରାରେ ଲାଘବ କରିଥିଲେ ହେଁ ଟ୍ରମ୍ପଙ୍କର ତାରିଫ ନାତିର ଅନିଶ୍ଚିତତା ଯୋଗୁଁ ତା' ଉପରେ ବିଶେଷ ଭରସା କରାଯାଇ ପାରିବ ନାହିଁ । ନିଜତ ଭବିଷ୍ୟତରେ ଇରାନରୁ ତୈଳ ଆମଦାନି ପୁଣି ଆରମ୍ଭ ହେବାର ସମ୍ଭାବନା ମଧ ଅତ୍ୟନ୍ତ କ୍ଷୀଣ । ଅନ୍ୟାନ୍ୟ ଆମଦାନି ତ୍ରବ୍ୟମାନଙ୍କ ଭଳି ତୈଳର ଘରୋଇ ବଜାରରେ ଖୁଚୁରା ବର ପୁରାପୁରି ଭାବରେ ଆନ୍ତର୍ଜାତିକ ବଜାର ବର ଦ୍ୱାରା ପରିତାଜିତ ହୋଇ ନ ଥାଏ । ଜାରଣ ଯେଉଁ କେତେକ ଅତ୍ୟାବଶ୍ୟକ ତ୍ରବ୍ୟମାନଙ୍କର ବର ବୃଦ୍ଧି ପ୍ରତି ଖାଉଟିମାନେ ଅତ୍ୟନ୍ତ ସ୍ୱର୍ଣ୍ଣଜାତର ହୋଇଥାନ୍ତି, ସେଥିମଧ୍ୟରେ ଅଗ୍ରଗଣ୍ୟ ହେଉଛି ପେଟ୍ରୋଲ ଓ ଡିଜେଲ ଭଳି ଇନ୍ଧନ । ଏଥିରେ ବର ବୃଦ୍ଧି ଜନସାଧାରଣଙ୍କୁ ତତ୍‌କାଳୀନ କ୍ଷମତାସୀନ ସରକାରଙ୍କ ପ୍ରତି ବିମୁଖ ଜରିବାର ଦୃତ ସମ୍ଭାବନା ଥିବାରୁ (ଏପରିକି ଆମେରିକା ପରି ପୁଞ୍ଜିବାଦ ସର୍ବାଧିକ ଧନଶାଳୀ ଦେଶରେ ତେଲ ବର ବୃଦ୍ଧି ଏକ ଜାରଣରୁ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଜିପରି ଛାଡିଥା ଜରିବେର ଉଦ୍ଧାର ପାଇବା ପାଇଁ କୃଷିଥାର ଶରଣ ପଶିବାକୁ ବାଧ ଜରିଛି, ତାହା ଆମେ ଦେଖୁଛୁ) ସରକାର ସର୍ବଦା ଘରୋଇ ଖାଉଟି ବର ବୃଦ୍ଧି ଉପରେ ଅଙ୍କୁଶ ଲଗାଇବାକୁ ତେଷ୍ଟା କରିଥାନ୍ତି । ଏଇ ଜାରଣରୁ ଭାରତରେ ତୈଳ ବିକ୍ରୟ କମ୍ପାନି ('ଅଏଲ ମାର୍କେଟିଙ୍ଗ କମ୍ପାନି'- 'ଓଏମ୍‌ସି') ମାନେ ଆବଶ୍ୟକତା ଅନୁଯାୟୀ ବର ବୃଦ୍ଧି ଘଟାଇ ନ ପାରି ତଜନିତ କ୍ଷତି ସହିବାରେ ଲାଗିଛନ୍ତି । ଅବଶ୍ୟ ସରକାର ମଧ ଆଂଶିକ ଭାବରେ ଏଇ କ୍ଷତି ବହନ ଜରିବାକୁ ବାଧ ହୋଇଛନ୍ତି । ଉଦାହରଣ ସ୍ୱରୂପ ଗତ ମାର୍ଚ୍ଚରେ ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଆଦାୟ ଜରୁଥିବା ସ୍ୱେଶାଲ ଏକ୍‌ସାଇଜ ଡ୍ୟୁଟିରେ ଲିଟର ପିଛା ୧୦ ଟଙ୍କା ଲେଖାଏଁ ହ୍ରାସ ପଟାଇଥିଲେ, ଯେଉଁଥିଯୋଗୁଁ ସରକାରଙ୍କୁ ବାର୍ଷିକ ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡ଼ିଛି । ମଇ ମାସରେ ଅବଶ୍ୟ ଅନନ୍ୟୋପାୟ ହୋଇ ଏ ଦୁଇ ଇନ୍ଧନର ଖାଉଟି ମୂଲ୍ୟରେ ଚାରି କିସ୍ତିରେ ଲିଟ୍ରିମାତ୍ରାରେ ବୃଦ୍ଧି ଘଟାଯାଇଥିଲା, ଯାହା ଥିଲା ପେଟ୍ରୋଲରେ ୭.୩୮ ଟଙ୍କା ଓ ଡିଜେଲରେ ୭.୫୨ ଟଙ୍କା । ଏହାର କାରଣ ହେଲା ସେତେବେଳକୁ 'ଓଏମ୍‌ସି'ମାନଙ୍କର କ୍ଷତି ଅହରନୀୟ ସ୍ତରରେ ପହଞ୍ଚି ସାରିଥିଲା: ଦୈନିକ ପ୍ରାୟ ୧,୦୦୦ କୋଟି ଟଙ୍କା । ଏଇ ଖାଉଟି ଦର ବୃଦ୍ଧି ପରେ, ସେଇ କ୍ଷତିର ଆଜାର ଦୈନିକ ୬୦୦ କୋଟି ଟଙ୍କାକୁ ହ୍ରାସ ପାଇଥିଲା । ତେବେ ବି 'ଓଏମ୍‌ସି'ମାନଙ୍କୁ ବହନ କରିବାକୁ ପଡୁଥିବା କ୍ଷତି ସମ୍ଭବରେ ଏକ ଧାରଣା କରିବା ପାଇଁ ନିମ୍ନୋକ୍ତ ସୂଚନା ଉପରେ ଦୃଷ୍ଟି ନିକ୍ଷେପ କରାଯାଇପାରେ । ତୈଳ ବିତ୍ତରୀ କମ୍ପାନି 'ଏଚ୍‌ପିସିଏଲ୍' ଦ୍ୱାରା ପ୍ରକାଶିତ ସୂଚନା ଅନୁଯାୟୀ ବିଗତ ବିତ ବର୍ଷର ଏପ୍ରିଲ-ସେପ୍ଟେମ୍ବର ସମୟ ଜାଳରେ କମ୍ପାନି ୭,୯୭୦ କୋଟି ଟଙ୍କା ଲାଭ ଅର୍ଜନ କରିଥିବାବେଳେ ତଜିତ ବିତ ବର୍ଷର ଏଇ ସମୟ ଜାଳରେ





ଅଟଂଳର ବିକାଶରେ ବାଧକ ସାଜିଲେ ଆନ୍ଦୋଳନ ହେବ: ପ୍ରସନ୍ନ ଆଚାର୍ଯ୍ୟ

ସମ୍ବଲପୁର,୩/୧୧(ନି/ପ୍ର): ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ଧମା ପଚାଂଅଚର ଧମାଠାରେ ରବିବାର ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଏକ ବିଶାଳ ଜନସମ୍ପର୍କ ପଦଯାତ୍ରା ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ ଏବଂ ରେଢ଼ାଖୋଲ ବିଧାୟକ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



ଧମା ହାଇସ୍କୁଲ ସଂଲଗ୍ନରୁ ପଦଯାତ୍ରା ଆରମ୍ଭ ହୋଇ ହାଟପଡା ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଆୟୋଜିତ ସଭାରେ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଅଟଂଳର ବିକାଶ ପାଇଁ ବିଜେଡି ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଅଟଂଚଳର ବିକାଶ କାର୍ଯ୍ୟରେ କେହି ବାଧକ ସାଜିଲେ ଦଳ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହା ସହିତ ସେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଫଳତା, ରାଜ୍ୟର ବିପର୍ଯ୍ୟସ୍ତ ଆରନଶୃଙ୍ଖଳା ପରିସ୍ଥିତି ଏବଂ ପ୍ରଶାସନିକ ଅଧିକାରୀଙ୍କ ନିଷ୍କ୍ରିୟତାକୁ ନେଇ ସରକାରଙ୍କୁ ସମାଲୋଚନା କରିଥିଲେ। ଏହିସଭାରେ ବିଜେଡି ବ୍ଲକ ସଭାପତି ନନ୍ଦଲାଲ ତ୍ରିପାଠୀ, ଧମା ସରପଂଚ ଲଳିତା ପ୍ରଧାନ, ହୁମା ସରପଂଚ ଇଲାବତୀ ପୂଝାରୀ, ଡଙ୍ଗରା ସରପଂଚ ସୌମ୍ୟରଞ୍ଜନ ପୂଝାରୀ, ଦେଓଗାଁ ସରପଂଚ ସରସ୍ୱତୀ ରାଉତ ଏବଂ ଜିଲ୍ଲା ଉପସଭାପତି ଗୋବିନ୍ଦ ପଟ୍ଟନାୟକ ପ୍ରମୁଖ ଉଦବୋଧନ ଦେଇଥିଲେ। ଭକ୍ତ ସାହୁ, ଗୌର ପ୍ରଧାନ, ପିପିନ ନାୟକ, କ୍ଷେତ୍ରବେଦ ବେହେରା, ଉଦ୍ଧବ କୁଅଁର, ପିଟୁ ସେଠ୍, ମିଳନ ଭୋଇ, ପଦୁଲୋଚନ ବେଜ, ଦେବବ୍ରତ ବିଶ୍ୱାଳ, ଲକ୍ଷ୍ମଣ ଭୋଇ, ବିଧାୟକଙ୍କ ପ୍ରତିନିଧି ମନୋଜ କୁମାର ମହାପାତ୍ର ସଭାର ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବାଶିଷ ପଟ୍ଟନାୟକ, ତରଣୀସେନ ମିର୍ଜା, ପ୍ରଶାନ୍ତ ପୂଝାରୀ, ବିଜୁପ୍ରିୟ ପ୍ରଧାନ, ମାନସ ବେହେରା, ରାଜେଶ ବେହେରା, ଯଶୋବନ୍ତ ପ୍ରଧାନ, ଶଶାଙ୍କ ଶେଖର ପାଣିଗ୍ରାହୀ, ଅଲୋକ ବେହେରା, ସମିର ପାତ୍ରୀ, ଶ୍ରୀକାନ୍ତ ବାଦୀ, ମଟୁ ବଡ, ବୟାନିଧି ଭୋଇ, ତପନ ନାଥ, ପ୍ରବୀପ ପତି, ଦେବବ୍ରତ ବିଶ୍ୱାଳ, ଲକ୍ଷ୍ମଣ ଭୋଇ, ଭକ୍ତ ସାହୁ, ଗୌର ପ୍ରଧାନ, ପିପିନ ନାୟକ, କ୍ଷେତ୍ରବେଦ ବେହେରା, ଉଦ୍ଧବ କୁଅଁର, ପିଟୁ ସେଠ୍, ମିଳନ ଭୋଇ, ପଦୁଲୋଚନ ବେଜ, ତରଣୀସେନ ମିର୍ଜା, ବିଜୁପ୍ରିୟ ପ୍ରଧାନ, ମାନସ



ଚରିତ୍ର ଗଠନରେ ବାଲ୍ମୀକି ରାମାୟଣର ଭୂମିକା ଆଲୋଚନାଚକ୍ର



ରାଉରକେଲା,,୩/୧୧(ନି/ପ୍ର): ଅଞ୍ଚଳ ଭାରତୀୟ ସାହିତ୍ୟ ପରିଷଦ କେଞ୍ଚର ନଗର ଶାଖା ଓ ସେକ୍ଟର ୬ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ମିଳିତ ଆନୁକୂଲ୍ୟରେ ଚରିତ୍ର ଗଠନରେ ବାଲ୍ମୀକି ରାମାୟଣର ଭୂମିକା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶାଖା ର ସଭାପତି ବିଜୟିନୀ ଜେନାଙ୍କ ଅଧ୍ୟକ୍ଷତା ଓ ସମ୍ପାଦିକା ପୂର୍ଣ୍ଣିତା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂକ୍ଷୁବ୍ଧ ପ୍ରମୁଖ ଗୋବାଦରାଣୀ ଶତପଥୀ ମୁଖ୍ୟଅତିଥି, ବିଦ୍ୟାମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ସୁରେନ୍ଦ୍ର କୁମାର ଶତପଥୀ ସମ୍ମାନିତ ଅତିଥି ଓ ବିଷୟ ବିଶେଷଜ୍ଞ ଭାବେ ରାଉରକେଲା ସହର ସଂସ୍କାରର ମୁଖ୍ୟ ଲକ୍ଷ୍ୟ ନାରାୟଣ ହୋତା ଯୋଗଦେଇ ମାର୍ମିକ ବକ୍ତବ୍ୟ ରଖିଥିଲେ। ବିଷୟ ବିଶେଷଜ୍ଞ ଶ୍ରୀ ହୋତା ତାଙ୍କ ବକ୍ତବ୍ୟରେ କହିଲେ ଯେ ବୈଷୟିକ ବିଦ୍ୟା ସର୍ବସ୍ୱ ନୁହେଁ। ଜୀବନ ହେଉଛି ସମ୍ବେଦନଶୀଳ ,ଆମ ମାନଙ୍କ ମଧ୍ୟରେ ସମ୍ବେଦନଶୀଳତା ରହିବା ଦରକାର। ପିଲାମାନଙ୍କ ଚରିତ୍ର ଗଠନରେ ବାଲ୍ମୀକି ରାମାୟଣ ଭୂମିକା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶାଖା ର ସଭାପତି ବିଜୟିନୀ ଜେନାଙ୍କ ଅଧ୍ୟକ୍ଷତା ଓ ସମ୍ପାଦିକା ପୂର୍ଣ୍ଣିତା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂକ୍ଷୁବ୍ଧ ପ୍ରମୁଖ ଗୋବାଦରାଣୀ ଶତପଥୀ ମୁଖ୍ୟଅତିଥି, ବିଦ୍ୟାମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ସୁରେନ୍ଦ୍ର କୁମାର ଶତପଥୀ ସମ୍ମାନିତ ଅତିଥି ଓ ବିଷୟ ବିଶେଷଜ୍ଞ ଭାବେ ରାଉରକେଲା ସହର ସଂସ୍କାରର ମୁଖ୍ୟ ଲକ୍ଷ୍ୟ ନାରାୟଣ ହୋତା ଯୋଗଦେଇ ମାର୍ମିକ ବକ୍ତବ୍ୟ ରଖିଥିଲେ। ବିଷୟ ବିଶେଷଜ୍ଞ ଶ୍ରୀ ହୋତା ତାଙ୍କ ବକ୍ତବ୍ୟରେ କହିଲେ ଯେ ବୈଷୟିକ ବିଦ୍ୟା ସର୍ବସ୍ୱ ନୁହେଁ। ଜୀବନ ହେଉଛି ସମ୍ବେଦନଶୀଳ ,ଆମ ମାନଙ୍କ ମଧ୍ୟରେ ସମ୍ବେଦନଶୀଳତା ରହିବା ଦରକାର। ପିଲାମାନଙ୍କ

ରାମାୟଣ ଚରିତ୍ର ଗଠନର ମହାକାବ୍ୟ

ଅପେକ୍ଷା ଆମେ ଯେତେ ଚରିତ୍ରବାନ ତାକୁ ଅଭିଭାବକ ଓ ଶିକ୍ଷକ ମାନେ ପ୍ରଥମେ ଆତ୍ମସମୀକ୍ଷା କରିବା ଦରକାର। ମହାତ୍ମାଗାନ୍ଧୀଙ୍କ ତ୍ୟାଗ ହିଁ ତାଙ୍କର ସାହାସ ଥିଲା। ସେହିପରି ଆମ ମାନଙ୍କ ମଧ୍ୟରେ ତ୍ୟାଗ ଓ ସମର୍ପଣ ଭାବ ରହିଲେ ଗୁରୁହୀନତା ହୋଇପାରିବ। ସେହିପରି ସୀତା ହେଉଛନ୍ତି ଆଦର୍ଶର ପ୍ରତୀକ । ନୈତିକତା ପତନ ନଯଟିଲେ ରାମାୟଣ ପରିବର୍ତ୍ତନ ର ସୂତ୍ରଧର ହୋଇପାରିବ। ରାମାୟଣ ଚରିତ୍ର ଗଠନର ଏକ ମହାକାବ୍ୟ। ମୁଖ୍ୟଅତିଥି ଶ୍ରୀ ଶତପଥୀ ତାଙ୍କ ବକ୍ତବ୍ୟରେ କହିଲେ ଯେ ଶିକ୍ଷାର ଉଦ୍ଦେଶ୍ୟ ଜୀବିକା ପାଇଁ ନୁହେଁ, ଏହା ସହ ଉତ୍ତମ ଚରିତ୍ରଗଠନ ଓ ନୈତିକତା ତଥା ସାମାଜିକ ଅତିଥି ଶ୍ରୀ ଶତପଥୀ ସାମ୍ପ୍ରତିକ ସ୍ଥିତି ରେ ଏଭଳି ଆଲୋଚନାକୁ ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ରାଉତ ପ୍ରାରୁ ଭାଷ,ସହ ସମ୍ପାଦିକା ମମତା ଜେନା ଅତିଥି ପରିଚୟ ଓ ଅନ୍ୟତମ ସହ ସମ୍ପାଦିକା ସୁମିତ୍ରା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ବ୍ରଜେନ୍ଦ୍ର ବାଣ, ଆଶୁତୋଷ ଜ୍ୟୋତିଷୀ, ସୌମ୍ୟପ୍ରଭାବ ନନ୍ଦ, ଦୀନବନ୍ଧୁ ରଥ,ଡ ରବିନ୍ଦ୍ର କୁମାର ଜେନା, ଜଗୁଣାଇର ପାଟ୍ଟଶାଣୀ, ସଂଗଠନ ସମ୍ପାଦକ ଭୁଜବିହାରୀ ରାଉତ ଓ ବିଦ୍ୟାମନ୍ଦିରର ସମସ୍ତ ଗୁରୁ ମା ଗୁରୁଜୀ ଉପସ୍ଥିତ ଥିଲେ।

ମୁଣ୍ଡା ମାର୍କେଟରେ ଭିକାରୀ ବେଶରେ ଲୁଟ୍, ଦମ୍ପତି ଗିରଫ



ରାଉରକେଲା,୩/୧୧(ନି/ପ୍ର): ସେକ୍ଟର-୧୯ ମୁଣ୍ଡା ମାର୍କେଟରେ ଭିକାରୀ ବେଶରେ ଆସି ବୃଦ୍ଧାଙ୍କ ପର୍ସ ଲୁଟି ନେଇଥିବା ଦମ୍ପତିଙ୍କୁ ସେକ୍ଟର-୧୯ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ ସେକ୍ଟର-୧୯ ଥାନା ହେଡ୍ ନଂ ୨୩୩୩,ତା ୦୧.୧୧.୨୦୨୬,ଧାରା ୩୦୪(୨) ବିଏନଏସଏସ ପରେ ୩୦୪(୨)/୩(୫) ବିଏନଏସଏସ ପରିବର୍ତ୍ତନ କରାଯାଇଛି। ଘଟଣାରୁ ମେ ସେକ୍ଟର-୧୬, ମଙ୍ଗଳା ମନ୍ଦିର ନିକଟର ଜସରତ ପରବିନ (୧୯), ପିତା- ସ୍ୱର୍ଗତ ଜହାଙ୍ଗୀର ଅହମ୍ମଦ, ତା ୦୧.୧୧.୨୦୨୬ ଅପରାହ୍ନ ୩ଟାରେ ଥାନାରେ ଅଭିଯୋଗ କରିଥିଲେ ଯେ, ସେହିଦିନ ସକାଳ ପ୍ରାୟ ୧୦.୪୫ ମିନିଟରେ ସେ ତାଙ୍କ ଜେଜେମା ଆପସାରି ବେଗମ (୭୭) ଙ୍କ ସହ ସେକ୍ଟର-୧୯ ମୁଣ୍ଡା ମାର୍କେଟକୁ ଯାଇଥିଲେ। ସେଠାରେ ଜଣେ ଅଜଣା ମହିଳା ଓ ଜଣେ ଅଜଣା ପୁରୁଷ ଭିକାରୀ ବେଶରେ ସେମାନଙ୍କ ପାଖକୁ ଆସି ହଠାତ୍ ବୃଦ୍ଧାଙ୍କ ହାତରୁ ଟଙ୍କା ପର୍ସ ଛଡାଇ ନେଇ ଫେରାର ହୋଇଯାଇଥିଲେ। ପର୍ସରେ ୫୦୦ ଓ ୧୦୦ ଟଙ୍କିଆ ନୋଟରେ ୪,୦୦୦ ଟଙ୍କା ଥିଲା। ପରେ ସେକ୍ଟର-୧୯ ଥାନା ପୁଲିସ ଏହି ଘଟଣାରେ ଅନୁସନ୍ଧାନ କରି ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ, ଇନ୍ଦ୍ର ଚୌଧୁରୀ (୨୦), ପିତା- ସ୍ୱର୍ଗତ ରାମପୁଜାର ଚୌଧୁରୀ ଓ ବୀଣା ଚୌଧୁରୀ (୨୨), ସ୍ୱାମୀ- ଇନ୍ଦ୍ର ଚୌଧୁରୀ । ଉଭୟଙ୍କ ଘର - ଗ୍ରାମ- ଜୋଡଶିଳା, ଥାନା- ଜୋଡଶିଳା, ଜିଲ୍ଲା- ପୁରୁଲିଆ, ପଶ୍ଚିମବଙ୍ଗ ବୋଲି ଜଣାପଡିଛି। ଅଭିଯୁକ୍ତଙ୍କ ପୂର୍ବ ଅପରାଧ ଇତିହାସ ଯାଞ୍ଚ ଜାରି ରହିଛି ବୋଲି ଥାନା ପ୍ରଭାରୀ ବୈଦ୍ୟନାଥ ସାହୁ ସୂଚନା ଦେଇଛନ୍ତି।

ବାସନ୍ତୀ ପାଠାଗାର ଯୋଗ ପ୍ରଶିକ୍ଷଣ କେନ୍ଦ୍ରର ୨୧ ତମ ବାର୍ଷିକ ଉତ୍ସବ



ରାଉରକେଲା,୩/୧୧(ନି/ପ୍ର): ବାସନ୍ତୀ ପାଠାଗାର ଯୋଗ ପ୍ରଶିକ୍ଷଣ କେନ୍ଦ୍ରର ୨୧ ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। କେନ୍ଦ୍ରର ଯୋଗଗୁରୁ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କ ଆବାହକତ୍ୱ ଓ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଠାଗାରର ସଭାପତି ପ୍ରସନ୍ନ କୁମାର ସାବତ, ସମ୍ମାନିତ ଅତିଥି ଭାବେ ଭାରତ ସ୍ୱାଭିମାନର ସହ ରାଜ୍ୟ ପ୍ରଭାରୀ ଡ ଅଭୁଜ ମାର୍ଥା, ଜର୍ଦ୍ଦାଜିଷ୍ଟସ ଆସୋସିଏସନର ଉପସଭାପତି ତଥା ଜବି କୁଞ୍ଜବିହାରୀ ରାଉତ ଓ ଅନ୍ୟତମ ଅତିଥି ଯୋଗଗୁରୁ ପୀତବାସ ପ୍ରଧାନ ପ୍ରମୁଖ ଯୋଗଦେଇ ଉପସ୍ଥିତ ଯୋଗ ଶିଖୁଥିବା ବ୍ୟକ୍ତିବିଶେଷଙ୍କୁ ଯୋଗ ଜିପରି ସୁସ୍ଥ ରହିବାର ମାଧ୍ୟମ, ସୁସ୍ଥ ସମାଜ ଗଠନରେ ଯୋଗର ଭୂମିକା, ଯୋଗାଭ୍ୟାସ ର ୮ ଟି ଅଙ୍ଗ,ଆସନ ଦ୍ୱାରା ଯାହା ସମ୍ଭବ ନୁହେଁ ତାହା ଧ୍ୟାନ ଦ୍ୱାରା ଜିପରି ସମ୍ଭବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଗୁରୁ ଶ୍ରୀ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ୨୦୦୬ ରୁ ଆରମ୍ଭ ହୋଇଥିବା ଯୋଗକେନ୍ଦ୍ର ଜିପରି ଲକ୍ଷ୍ମାର୍ଯ୍ୟକ୍ରମ କରୁଛି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଅତିଥି ଓ ଯୋଗ ଶିକ୍ଷାର୍ଥୀ ମାନଙ୍କୁ ନେଇ ଏକ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଯୋଗ ଶିକ୍ଷାର୍ଥୀ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ଶତାଧିକ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଯୋଗକେନ୍ଦ୍ର ର ପ୍ରିୟା ପାତ୍ର, ସୁଲାଷିନୀ ସାହୁ, ଜବିତା ବାଣ, ସୁପ୍ରିୟା ଜେନା, ସୁନିତା ମୁଇତାଳ, ସସ୍ମିତା ମହାନ୍ତି, ରବିନ୍ଦ୍ର ଠାକୁର, ରମେଶ ସାହୁ, ବିଶ୍ୱ ତରଣ ସାହୁ, ସଂଯୁକ୍ତା ବାଣ, ଜାମିନୀ ବିଶ୍ୱାଳ,ନିହାରିକା ବିଶ୍ୱାଳ, ଲୁକୁଶୀ ଅଗ୍ରୱାଲ, ଗୀତାଞ୍ଜଳି ମହାରଣା, ବିବେକ ପାତ୍ର, ଅରୁଣିମା ବାରିକ, ଭୁବନେଶ୍ୱରୀ ମହାପାତ୍ର, ସୌ ବାମିନୀ ମିଶ୍ର ପ୍ରମୁଖଙ୍କ ସମେତ ବହୁ ଶିକ୍ଷାର୍ଥୀ ସହଯୋଗ କରିଥିଲେ। ଶେଷରେ ସମସ୍ତେ ସାମୁହିକ ଭାବେ ପ୍ରସାଦ ସେବନ କରିଥିଲେ।

ସଚ୍ଚିଦାନନ୍ଦ ସ୍ମୃତି ସମିତିର ଦଶମ ବାର୍ଷିକ ଉତ୍ସବ




ରାଉରକେଲା,୩/୧୧(ନି/ପ୍ର): ସଚ୍ଚିଦାନନ୍ଦ ସ୍ମୃତି ସମିତିର ଦଶମ ବାର୍ଷିକ ଉତ୍ସବ ଛେଣ୍ଡ ସ୍ଥିତ ଚିନ୍ମୟ ଙ୍କାରାଙ୍କୀ ମାଧ୍ୟମ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଛଅ ପର୍ଯ୍ୟାୟ ବିଶିଷ୍ଟ ଦ୍ୱିବିବସୀୟ ଏହି କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ଉଦଘାଟକ ଭାବେ ପ୍ରାକ୍ତନ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର କୁମାର ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବେ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଓ ସଭା ମୁଖ୍ୟ ଭାବେ ଶର୍ମିଷ୍ଠା ଜବି ଶତପଥୀ ଯୋଗଦେବ ଛାତ୍ରଛାତ୍ରୀମାନଙ୍କ ସହ ବାର୍ତ୍ତାଳାପ କରି ସେମାନଙ୍କ ସଂଶୟ ଦୂର କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଅଶୋକ ରାଉତଙ୍କ ସଂଯୋଜନାରେ ତା ଗୀତାଞ୍ଜଳି ପତ୍ରି ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟଅତିଥି ଭାବେ ଡା କୃପାସିନ୍ଧୁ ନାୟକ ଓ ଜବିତା ଆବୃତିରେ ସର୍ବଶ୍ରୀ କୁଞ୍ଜବିହାରୀ ରାଉତ, ବିଜୟ ରାୟ, ବଳରାମ ରାଉତ, ତ୍ରିଲୋଚନ ଖାଣ୍ଟି, ବ୍ରଜେନ୍ଦ୍ର ବାଣ, ଶୁଭାଶିଷୀ ଦାସ, ଜାମିନୀ ବିଶ୍ୱାଳ, ନିହାରିକା ବିଶ୍ୱାଳ, ଲୁକୁଶୀ ଅଗ୍ରୱାଲ, ଗୀତାଞ୍ଜଳି ମହାରଣା, ବିବେକ ପାତ୍ର, ଅରୁଣିମା ବାରିକ, ଭୁବନେଶ୍ୱରୀ ମହାପାତ୍ର, ସୌ ବାମିନୀ ମିଶ୍ର ପ୍ରମୁଖଙ୍କ ସମେତ ବହୁ ଶିକ୍ଷାର୍ଥୀ ସହଯୋଗ କରିଥିଲେ। ଶେଷରେ ସମସ୍ତେ ସାମୁହିକ ଭାବେ ପ୍ରସାଦ ସେବନ କରିଥିଲେ।

ପ୍ରଫୁଲ୍ଲ କୁମାର ମହାନ୍ତି ଓ ଶର୍ମିଷ୍ଠା ଜବିଶତପଥୀ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ପ୍ରଫେସର ମହାନ୍ତି ଆଲୋଚ୍ୟ ପ୍ରସଙ୍ଗରେ ମତ ରଖି କହିଲେ ଯେ ସାହିତ୍ୟ ଲେଖାଯାଏ ବିଶ୍ୱାସ ଓ ଏକ ସଂସ୍କୃତି ମଧ୍ୟରେ। ଜବି ହେଉଛନ୍ତି ସୃଷ୍ଟିଶୀଳ ଆତ୍ମା। ସାହିତ୍ୟରେ ଲାଳିତ୍ୟ,ଗୀତିମୟତା ଓ ସମର୍ପଣ ଭାବ ରହିଲେ ଭଲ ସାହିତ୍ୟ/ଜବିତା ସୃଷ୍ଟି ହୋଇପାରିବ। ମଣିଷ ର ଜୟଗାନ ଜରିଜବିତା ଲେଖିବା ସାହିତ୍ୟ ସୃଷ୍ଟି ହେବ। ଶେଷରେ ନିହାରିକା ବଖିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଲୀନା ମଲ୍ଲିକ ଓ ସଂଯୁକ୍ତା ଦାସଙ୍କୁ ସତିବାନନ୍ଦ ସ୍ମୃତି ଆଦର୍ଶ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଚତୁର୍ଥ ପର୍ଯ୍ୟାୟ ଶବ୍ଦ,ଛନ୍ଦ ଓ ଅନୁଭବ ର ସମାବେଶ କାର୍ଯ୍ୟକ୍ରମରେ ସୁସ୍ମିତା ମହାପାତ୍ରଙ୍କ ସଂଯୋଜନା ଓ ରଶ୍ମିରଞ୍ଜନ ରାଉତରାୟଙ୍କ ସଭାପତିତ୍ୱରେ ସର୍ବଶ୍ରୀ ପରେଶ ବିଶ୍ୱାଳ, ସୁଶାନ୍ତ ନାୟକ, କିଶୋରୀ ମୋହନ ଜର, ଧରିତ୍ରୀ ପାଇକରାୟ, ସଂଜୀବ ଭୋଇ, ନିରୁପମା ପତି,ବବି ମହାଳିକ, ପ୍ରବୀପ କୁମାର ପଣ୍ଡା, ଉପେନ୍ଦ୍ର ବଖିଆ, ଗୀତାରାଣୀ ବେହେରା ପ୍ରମୁଖ କବିତା ପାଠ କରିଥିଲେ। ଆଲୋକ ଜଂଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ପଂଚମ ପର୍ଯ୍ୟାୟ ଜାତ୍ୟ କବିତାର ସହର ଉନ୍ମାଦ ନଗରୀ କାର୍ଯ୍ୟକ୍ରମ ରେ ଅଧ୍ୟାପକ ଶଙ୍କର ପ୍ରସାଦ ତ୍ରିପାଠୀ ସଭାମୁଖ୍ୟ ଭାବେ ଓ ଆଲୋଚକ ଭାବେ ଡ ଅଶ୍ୱିନୀ କୁମାର ରାୟ ୧୯୬୦ ରୁ ୨୦୦୦ ଓ ଅଧ୍ୟାପକ ଜଗୁଣାଇର ପାଟ୍ଟଶାଣୀ ୨୦୦୧ ରୁ ୨୦୨୬ ମସିହା ମଧ୍ୟରେ ଜାତ୍ୟ କବିତା ସୃଷ୍ଟି କରିଥିବା ଜବି ସାହିତ୍ୟିକଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଷଷ୍ଠ ପର୍ଯ୍ୟାୟ ତଥା ଉତ୍ସବାନୀ ଉତ୍ସବରେ ଜବି ରଣୁବାଳା ରାଉତରାୟଙ୍କ ସଭାପତିତ୍ୱରେ ସର୍ବଶ୍ରୀ ପରେଶ ବିଶ୍ୱାଳ, ସୁଶାନ୍ତ ନାୟକ, କିଶୋରୀ ମୋହନ ଜର, ଧରିତ୍ରୀ ପାଇକରାୟ, ସଂଜୀବ ଭୋଇ, ନିରୁପମା ପତି,ବବି ମହାଳିକ, ପ୍ରବୀପ କୁମାର ପଣ୍ଡା, ଉପେନ୍ଦ୍ର ବଖିଆ, ଗୀତାରାଣୀ ବେହେରା ପ୍ରମୁଖ କବିତା ପାଠ କରିଥିଲେ। ପ୍ରମୁଖ ଅତିଥି ଶ୍ରୀ ବୋରା ତାଙ୍କ ବକ୍ତବ୍ୟରେ କହିଲେ ଯେ ଯେଉଁ ସାହିତ୍ୟ ଜୀବନ ସହ ଜଡ଼ିତ,ସେ ସାହିତ୍ୟ ମରିବ ନାହିଁ। ସମ୍ମାନିତ ଅତିଥି ଶ୍ରୀ ଜେନା ତାଙ୍କ ବକ୍ତବ୍ୟରେ କହିଲେ ଯେ ସାହିତ୍ୟ ବଢିଲେ ସମାଜ ବଢିବ। ଓଡ଼ିଶାର ଭାଷା ସାହିତ୍ୟ ବିଶ୍ୱସ୍ତରୀୟ ହୋଇପାରିଲାଣି। ଯିଏ ମଣିଷକୁ ପଢିପାରି ନାହିଁ ସେ ଭଲ ସାହିତ୍ୟ ସୃଷ୍ଟି କରିପାରିବ ନାହିଁ। ସଭାପତି ଅଭିଭାଷଣରେ ଶ୍ରୀ ପାଣି କହିଲେ ଯେ ଆମ ସାହିତ୍ୟ ବିଶ୍ୱ ସାହିତ୍ୟ ପାଇଁ ଅମ୍ଳାନ ନକ୍ଷତ୍ର। ସାହିତ୍ୟ ଜୀବନର ମହୌଷଧି। ଅନ୍ତର୍ଦ୍ଦୋ ହେଲେ ଭଲ ସାହିତ୍ୟ ସୃଷ୍ଟି ହେବ।

କୋରାପୁଟରେ ରାଜ୍ୟ ରାଜପଥ ନମ୍ବର ୪୮ର ଏକ ଅଂଶ ବନ୍ଦ

ଜୟପୁର,୩/୧୧(ନି/ପ୍ର): ବାତ୍ୟା 'ମୁରାବୁ' ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଅଗ୍ରସର ହେଉଥିବା ବେଳେ, ସର୍ତ୍ତତାମୂଳକ ପଦକ୍ଷେପ ସ୍ୱରୂପ କୋରାପୁଟ ଜିଲ୍ଲା ପ୍ରଶାସନ ବୋରିଗୁମ୍ମା ଓ ରାଣୀଗୁଡ଼ା ମଧ୍ୟରେ ଥିବା ରାଜ୍ୟ ରାଜପଥ ନମ୍ବର ୪୮ର ଏକ ବିପଦପୂର୍ଣ୍ଣ ଅଂଶକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି। ସୂଚନା ଅନୁଯାୟୀ, କ୍ରମାଗତ ବର୍ଷା ଯୋଗୁଁ ମାଟି ନରମି ଯାଇଛି ଏବଂ ପାଖ ପାହାଡ଼ରୁ ମାଟି ଓ ପଥର ଖସିବା ଆରମ୍ଭ ହୋଇଛି, ଯାହା ଯାତାୟାତ କରୁଥିବା ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଗତ ମାସରେ ମଧ୍ୟ ପ୍ରବଳ ବର୍ଷା ପରେ ଏହି ଅଂଚଳରେ ଭୂସ୍ଖଳନ ହୋଇଥିଲା। ପରିସ୍ଥିତିରେ ସୁଧାର ନ ଆସିବା ପର୍ଯ୍ୟନ୍ତ ଏବଂ ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ, ଯାତ୍ରୀମାନଙ୍କୁ ବୋରିଗୁମ୍ମା-ରାଣୀଗୁଡ଼ା ରାସ୍ତା ବ୍ୟବହାର ନ କରି ଜାତୀୟ ରାଜପଥ ନମ୍ବର ୩୬୬ ବେଭ ଯିବାକୁ ପରାମର୍ଶ ଦିଆଯାଇଛି। ବାତ୍ୟା 'ମୁରାବୁ'କୁ ଦୃଷ୍ଟିରେ ରଖି ଭାରତୀୟ ପାଣିପାଗ ବିଭାଗ କୋରାପୁଟ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ସୋମବାର ଦିନ ପ୍ରବଳ ବର୍ଷା ସହିତ ଝଡ଼-ତୋଫାନ, ବିଜୁଳି ଏବଂ ଜୋରଦାର ପବନ ବହିବାର ସମ୍ଭାବନା ରହିଛି। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୪୦-୫୦ କିଲୋମିଟର ରହିପାରେ ଏବଂ କିଛି ସ୍ଥାନରେ ଏହା ଘଣ୍ଟା ପ୍ରତି ୬୦ କିଲୋମିଟର ପର୍ଯ୍ୟନ୍ତ ପହଂଚିପାରେ। ତେଣୁ ସତର୍କତା ଦୃଷ୍ଟି କୋଣସୁ ପ୍ରଶାସନ ତରଫରୁ ବୋରିଗୁମ୍ମା ଓ ରାଣୀଗୁଡ଼ା ମଧ୍ୟରେ ଥିବା ରାଜ୍ୟ ରାଜପଥ ନମ୍ବର ୪୮ର ଏକ ବିପଦପୂର୍ଣ୍ଣ ଅଂଶକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ରାଉରକେଲା ଇସ୍ପାତ କାରଖାନାର ବରକାନିରେ ରେଳ ଲାଇନ ପ୍ରକଳ୍ପକୁ ବିରୋଧ କରି ୧୪ ଅଟକ



ରାଉରକେଲା,୩/୧୧(ନି/ପ୍ର): ସ୍ଥାନୀୟ ବାସିନ୍ଦାଙ୍କ ବିରୋଧ ମଧ୍ୟରେ ବଣ୍ଡମୁଣ୍ଡା ଥାନା ଅନ୍ତର୍ଗତ ବରକାନିରେ ରାଉରକେଲା ଇସ୍ପାତ କାରଖାନାର ପ୍ରସ୍ତାବିତ ୯.୫ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନାର ରେଳ ଲାଇନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଥିଲେ ମଧ୍ୟ ସ୍ଥାନୀୟ ଗ୍ରାମବାସୀମାନଙ୍କ ପକ୍ଷରୁ ଏହାକୁ ବିରୋଧ କରିବା ଜାରି ରହିଛି। ବରଜାନି ଗ୍ରାମବାସୀମାନେ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କୁ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି ସେମାନଙ୍କ ସହ ଆଲୋଚନା କରିବାକୁ ଦାବି କରିଆସୁଛନ୍ତି। ଗ୍ରାମବାସୀଙ୍କ ବିରୋଧ ଜାରି ରହିଥିବା ସତ୍ତ୍ୱେ ଆଉସପରି ରେଳ ଲାଇନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଫଳରେ ବରଜାନି ଅଂଚଳରେ ଉତ୍ତେଜନା ବୃଦ୍ଧି ପାଇଛି। ପ୍ରତିବାଦ ସମୟରେ ପୋଲିସ୍ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିବା ଜଣାପଡିଛି, ଯାହା ଫଳରେ ଘଟଣାସ୍ଥଳରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ପକ୍ଷରୁ ଏପର୍ଯ୍ୟନ୍ତ ୧୪ ଜଣଙ୍କୁ ଅଟକ ରଖାଯାଇଛି। ଅନ୍ୟପକ୍ଷରେ, ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଆହୁରି ଅନେକ ବିଶୃଙ୍ଖଳିତ ଗ୍ରାମବାସୀଙ୍କୁ ଚିହ୍ନାରରେ ରଖିଥିବା ଜଣାପଡିଛି। ଏହା ସୂଚାଇ ଦେଇଛି ଯେ ପୋଲିସ୍ ପକ୍ଷରୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଜେବେ ଗ୍ରହଣ କରାଯିବ। ସ୍ଥାନୀୟ ବାସିନ୍ଦାମାନେ ସେମାନଙ୍କର ବିରୋଧ ଜାରି ରଖିଥିବାବୁ ଏବଂ ସେମାନଙ୍କର ଅଭିଯୋଗର ସମାଧାନ ପାଇଁ ସ୍ଥାନରେ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ଉପସ୍ଥିତି ଦାବି କରୁଥିବାରୁ ସେଠାରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି।

୨୯ତମ ବେଦବ୍ୟାସ ସଙ୍